## ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ଆରମ୍ଭ

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ କଲେଜରେ ରାଜ୍ୟମୁକ୍ତ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୨୦୨୧/୨୨ ଶିକ୍ଷାବର୍ଷ ପାଇଁ ନାମ ଲେଖା ଆହ୍ୱାନ କରାଯାଇଛି। ଏଠାରେ ଏମଏ ଓଡ଼ିଆ, ଇଂଲିଶ୍, ଇତିହାସ, ରାଜନୀତି ବିଜ୍ଞାନ ଓ ଅର୍ଥଶାସ୍ତ୍ର ଆଦି ବିଷୟରେ ପଢ଼ାଯିବ। ପାରାଦୀପ କଲେଜ ପାଇଁ ୧୨୦୨ କୋର୍ଡ ରହିଛି ବୋଲି ସଂଯୋଜକ ଅକ୍ଷୟ ମିଶ୍ର ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ନାମଲେଖା ଚାଲିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଶ୍ରମିକଙ୍କୁ କୋଭିଡ୍ ଟିକାକରଣ ପାଇଁ ଦାବିପତ୍ର

ପାରାଦୀପ,୧୦।୮(ସ୍ୱ.ପ୍ର.): ଶ୍ରମିକମାନଙ୍କୁ କୋଭିଡ୍ ଟିକା ଦେବା ପାଇଁ ବ୍ୟବସ୍ଥା କରିବାକୁ ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ଦିଆଯାଇଛି। ସେଥିରେ ଦର୍ଶାଯାଇଛି, ପାରାଦୀପ ବନ୍ଦର ଓ ୧୬ଟି ଶିଳ୍ପସଂସ୍ଥାରେ କାର୍ଯ୍ୟରତ ଶ୍ରମିକମାନେ ଅନ୍‌ଲାଇନ ଯୋଗେ ବୁକିଂ ସମୟରେ ଅସୁବିଧା ଭୋଗୁଛନ୍ତି। ଏନେଇ ଅଧିକାଂଶ ଶ୍ରମିକ ଟିକା ନେଇପାରୁନାହାନ୍ତି। ଏହାର ସରଳୀକରଣ କରିବାକୁ ସଂଗଠନର ସଭାପତି ଦେବ କଲ୍ୟାଣ ମହାପାତ୍ର ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

### ପୋଲିସ କାର୍ଯ୍ୟକୁ ବିରୋଧ କରି ବିକ୍ଷୋଭ

କେନ୍ଦ୍ରାପଡ଼ା ଅଫିସ,୧୦।୮: କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ବାଳକାଟି ଓ ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକରେ ଦଳିତ ଶ୍ରେଣୀର ଲୋକଙ୍କ ଉପରେ ଅତ୍ୟାଚାର ହୋଇଛି। ଏ ନେଇ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏପରି ଅଭିଯୋଗ ଆଣି ଜିଲା ଭାଜପା ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ କରାଯାଇଛି। ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା ସଭାପତି ସୁଦାମ ଚରଣ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିକ୍ଷୋଭରେ ଭାଜପା ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା, ରାଜ୍ୟ ମୋର୍ଚ୍ଚା ସଭାପତି ବିଭୁ ପ୍ରସାଦ ତରାଇ, ବରିଷ୍ଠ ନେତା ସୁନାକର ବେହେରା, ପ୍ରଭାରୀ ଗୁରୁଚରଣ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ପୋଲିସ ବିଭାଗକୁ ସମାଲୋଚନା କରିବା ସହ ଦଳିତମାନଙ୍କୁ ଉପେକ୍ଷା କରାଯାଉଥିବା କହିଥିଲେ। ଏଥିରେ ଜିଲାର ନେତା ଓ କର୍ମୀ ଯୋଗ ଦେଇଥିଲେ।

### ଇଫ୍‌କୋରେ ସମୂହ ବୃକ୍ଷରୋପଣ

ପାରାଦୀପ,୧୦।୮(ସ୍ୱ.ପ୍ର.): ପାରାଦୀପ ଇଫ୍‌କୋ କାରଖାନା ପରିସରରେ ମଙ୍ଗଳବାର ସମୂହ ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ ହୋଇଛି। ଇଫ୍‌କୋର ବରିଷ୍ଠ ନିର୍ବାହୀ ନିର୍ଦ୍ଦେଶକ କେଜେ ପଟେଲ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଦିଲୀପ ଦାସ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଜ୍ଞାନଚନ୍ଦ୍ର ଆଚାର୍ଯ୍ୟ, ପ୍ରସନ୍ନ କୁମାର ବେଉରା ପ୍ରମୁଖ ଏଥିରେ ଯୋଗଦେଇ ଥିଲେ।

### 'ଆଜାଦ କି ମହୋତ୍ସବ' କାର୍ଯ୍ୟକ୍ରମ

ପାରାଦୀପ,୧୦।୮(ସ୍ୱ.ପ୍ର.): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ 'ଆଜାଦ କି ମହୋତ୍ସବ' କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲିଝରା ବସ୍ତିରେ ଜରାଶ୍ରମର ଅନ୍ତେବାସୀଙ୍କପାଇଁ କପଡା, ସାନିଟାଇଜର ମାସ୍କ ଓ ଶୁଖିଲା ଖାଦ୍ୟ ଆଦି ଦିଆଯାଇଛି। ବାଉରିଆପାଳନ୍ଦା ବସ୍ତିରେ ଥିବା କୁଷ୍ଠରୋଗିଙ୍କୁ ମଧ ସମାନ ସାମଗ୍ରୀ ଦିଆଯାଇଛି। ଏଥିରେ ବନ୍ଦର ଉପାଧକ୍ଷ ଏ.କେ.ବୋଷଙ୍କ ସମତେ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ।

# ମହିଳା ଜବ୍‌କାର୍ଡଧାରୀ ଧାରଣାରୁ ଉଠିଲେ

- ୨୩ ଦିନ ଧରି ଧାରଣା ଜାରି ରହିଥିଲା
- ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ
- ସେପ୍ଟେମ୍ବର ୧୦ ସୁଦ୍ଧା ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି

ନାଉଗାଁ,୧୦।୮(ସ୍ୱ.ପ୍ର.)



ବହୁଜନ ଛାତ୍ର ଓ ଯୁବ ସାମୁଖ୍ୟ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

ନାଉଗାଁ ବ୍ଲକ ଅନ୍ତର୍ଗତ ବାଂଶ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ଅଭିଯୋଗ କରି ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ମହିଳା ଜବ୍‌କାର୍ଡଧାରୀମାନେ ନାଉଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ୨୩ ଦିନ ହେବ ଧାରଣା ଦେଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ସେମାନେ ଚେତବନୀ ଦେଇଥିଲେ। ବହୁଜନ ଛାତ୍ର ଓ ଯୁବ ସାମୁଖ୍ୟ ପକ୍ଷରୁ ସେମାନଙ୍କୁ ସମର୍ଥନ ଦିଆଯାଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି ଏଥିପାଇଁ ପ୍ରତିଶ୍ରୁତି ଦେବା ପରେ ଜବ୍‌କାର୍ଡଧାରୀମାନେ ଧାରଣାରୁ ଓହରି ଯାଇଛନ୍ତି। ସେପ୍ଟେମ୍ବର ୧୦ ମଧ୍ୟରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ମହାନ୍ତି କହିଛନ୍ତି। ମହିଳାମାନେ ମଙ୍ଗଳବାର ଧାରଣା ଜାରି ରଖିଥିବା ବେଳେ ବହୁଜନ ଛାତ୍ର ଓ ଯୁବ ସାମୁଖ୍ୟର ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଦାବିପତ୍ର ଦେବା ଉଦ୍ଦେଶ୍ୟରେ ପଦଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଘେରାଉ କରିଥିଲେ। ଖବରପାଇ ପ୍ରକଳ୍ପ ନିର୍ଦ୍ଦେଶକ ମହାନ୍ତି ଆସି ସେମାନଙ୍କୁ ବୁଝାଶୁଝା କରିବା ସହ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

ସୂଚନାଯୋଗ୍ୟ, ବାଂଶ ପଞ୍ଚାୟତର ୮ ନଂ. ୱାର୍ଡରେ ଖୋଳା ଯାଇଥିବା ପୋଖରୀ ଓ ୪ ନଂ. ୱାର୍ଡରେ କାଣିଆ ନଈ କାର୍ଯ୍ୟ ମେଶିନ ମାଧ୍ୟମରେ କରାଯାଇଛି। ୧୦ ନଂ. ୱାର୍ଡରେ ହୋଇଥିବା ଅଙ୍ଗନୱାଡ଼ି କାର୍ଯ୍ୟ ଜବ୍‌କାର୍ଡଧାରୀଙ୍କ ଜବ୍‌କାର୍ଡ ଦ୍ୱାରା ହୋଇଥିଲା। ମାର୍ଚ୍ଚ ମାସରେ ଉକ୍ତ କାର୍ଯ୍ୟ କରାଯାଇଥିଲେ ମଧ ଏ ପର୍ଯ୍ୟନ୍ତ ସେମାନଙ୍କୁ ପାରିଶ୍ରମିକ ମିଳିନାହିଁ। ଅପରପକ୍ଷେ ଜବ୍‌କାର୍ଡକୁ ପଞ୍ଚାୟତର ଜିଆରଏସ୍ ବଳପୂର୍ବକ ପାଖରେ ରଖିଛନ୍ତି ବୋଲି ଜବ୍‌କାର୍ଡଧାରୀ ଅଭିଯୋଗ କରିଥିଲେ। ଏହି ଘଟଣାରେ ବ୍ଲକ କାର୍ଯ୍ୟାଳୟର ଅନ୍ୟ କେତେଜଣ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି ବୋଲି ଅଭିଯୋଗକରି ମହିଳାମାନେ ଧାରଣାରେ ବସିଥିଲେ। ସେମାନେ ଧାରଣାରେ ବସିଥିବାବେଳେ ୨୭ ଜୁଲାଇ ରାତି ୨ଟାରେ କେତେଜଣ ଦୁର୍ବୃତ୍ତ ମହିଳାମାନଙ୍କୁ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ଏପରିକି ବାବା ସାହେବ ଆମ୍ବେଡ୍‌କରଙ୍କ ଫଟୋଚିତ୍ରକୁ ମଧ ଅସମ୍ମାନ କରିଥିଲେ। ଏହି ଘଟଣାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୁଖ୍ୟ ଅଭିଯୁକ୍ତ ମିଟୁ ବାରିକଙ୍କୁ ଗିରଫ କରିବାକୁ ଦାବି କରାଯାଇଥିଲା।

# ୩୭ ଦିନ ପରିବର୍ତ୍ତେ ୩୦ ଦିନର ଚାଉଳ ପ୍ରଦାନ

### ଡେରାବିଶରେ ମଧାହ୍ନ ଭୋଜନ କେଲେଙ୍କାରୀ

ଡେରାବିଶ, ୧୦।୮(ସ୍ୱ.ପ୍ର.)

ସର୍ବଶିକ୍ଷା ଅଭିଯାନ ଯୋଜନା ଡେରାବିଶ ବ୍ଲକ ଅଞ୍ଚଳରେ ଫେଲ ମାରିଛି। କରୋନାରେ ବିଭିନ୍ନ ବିଦ୍ୟାଳୟ ବନ୍ଦ ରହିଛି। ଏପ୍ରିଲରୁ ଜୁନ ଯାଏ ୩ ମାସ ପାଇଁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବିଦ୍ୟାଳୟକୁ ୩୭ ଦିନର ମଧାହ୍ନଭୋଜନ ଚାଉଳ ପ୍ରଦାନ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ମାତ୍ର ଡେରାବିଶ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ୩୭ଦିନ ପରିବର୍ତ୍ତେ ୩୦ ଦିନର ଚାଉଳ ବିଦ୍ୟାଳୟଗୁଡ଼ିକୁ ପ୍ରଦାନ କରାଯାଇଥିବା ଅଭିଯୋଗ ହେଉଛି। ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର ଏଭଳି ଅଭିଯୋଗ ଗଣଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗର ମଧାହ୍ନ ଭୋଜନର ରାଜ୍ୟ ନୋଡାଲ ଅଧିକାରୀ ଚିଠି ନଂ. ୩୩୭/୧।୬।୨୦୨୧ରେ ରାଜ୍ୟର ସମସ୍ତ ଜିଲାର ଶିକ୍ଷା ଅଧିକାରୀମାନେ ତାଙ୍କ ଅଧୀନରେ ଥିବା ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କ ଜରିଆରେ ପ୍ରତ୍ୟେକ ବିଦ୍ୟାଳୟକୁ ୩୭ ଦିନର ଚାଉଳ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଡେରାବିଶ ବ୍ଲକ ଶିକ୍ଷା ଅଧିକାରୀ ବ୍ଲକର ସମସ୍ତ ବିଦ୍ୟାଳୟକୁ ୩୭ ଦିନ ପରିବର୍ତ୍ତେ ୩୦ ଦିନର ଚାଉଳ ପ୍ରଦାନ କରିଥିବା ମହାପାତ୍ର ଅଭିଯୋଗରେ ଦର୍ଶାଇଛନ୍ତି। ଅବଶିଷ୍ଟ ୭ ଦିନର ଚାଉଳ ସିଧା ସଳଖ ଭାବେ ମଧାହ୍ନ ଭୋଜନ ଦାୟିତ୍ୱରେ ଥିବା ଜିଲା ନୋଡାଲ ଅଧିକାରୀମାନେ କେଲେଙ୍କାରୀ କରିଥିବା ନେଇ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବହୁ ଦୁର୍ନୀତି ଲୋକଲୋଚନକୁ ଆସିପାରନ୍ତା ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜିଲା ନୋଡାଲ ଅଧିକାରୀ ଗୁରୁ ଚରଣ ଷଡଙ୍ଗୀଙ୍କୁ ପଚାରିବାରେ ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ୩୦ ଦିନର ଚାଉଳକୁ ଡେରାବିଶ ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନକୁ ପଠାଯାଇଛି। ସେହିପରି ଜିଲା ଶିକ୍ଷା ଅଧିକାରୀ ସଞ୍ଜିବ ସିଂଙ୍କୁ ପଚାରିବାରୁ ଏଭଳି ଖବର ପାଇବା ପରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ ସେ ଯାହା କିଛି ପଦକ୍ଷେପ ନେବେ ବୋଲି ସେ କହିଛନ୍ତି। ଅପରପକ୍ଷରେ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କୁ ପଚାରିବାରେ ମଧାହ୍ନ ଭୋଜନ ସମ୍ପର୍କିତ କୌଣସି ତଦନ୍ତ ନିର୍ଦ୍ଦେଶ ପାଇନାହିଁ। ମଧାହ୍ନ ଭୋଜନ ସମ୍ପର୍କିତ ସରକାରୀ ନିର୍ଦ୍ଦେଶନାମାକୁ ଉଲଂଘନ ନେଇ କୌଣସି ଅଧିକାରୀଙ୍କ କଥାରେ ତାଳମେଳ ରହୁନାହିଁ। ଏହାକୁ ନେଇ ଅଭିଭାବକ ଓ ଶିକ୍ଷାବିତମାନଙ୍କ ମହଲରେ ଗଭୀର ଆଲୋଡନ ସୃଷ୍ଟି କରିଛି।

# ଖରସ୍ରୋତା ପ୍ରକଳ୍ପକୁ ବିରୋଧ କରି ଅନଶନ

କେନ୍ଦ୍ରାପଡା ଅଫିସ, ୧୦।୮


ଭିତରକନିକା ଇକୋ ସେନସେଟିଭ ଜୋନ କମିଟି ସଭ୍ୟ ଶ୍ରୀକାନ୍ତ ନାୟକ ଅନଶନରେ ବସିଛନ୍ତି।

ଖରସ୍ରୋତା ନଦୀରୁ ପାଣି ଉଠାକୁ ନେଇ ଭିତରକନିକା ଇକୋ ସେନସେଟିଭ ଜୋନ କମିଟି ସଭ୍ୟ ଶ୍ରୀକାନ୍ତ ନାୟକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତୁରନ୍ତ ବରୁଣାଡିହାଠାରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ ଦାବି କରିଛନ୍ତି। ଏଥିସହ ଭିତରକନିକାର ଜୈବ ବିବିଧତା ବିଶ୍ଳେଷଣ ଦାବିରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ଗରାପୁରସ୍ଥ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତି ନିକଟରେ ମଙ୍ଗଳବାରଠାରୁ ଆମରଣ ଅନଶନରେ ବସିଛନ୍ତି। ଏ ସମ୍ପର୍କରେ କମିଟି ସଭ୍ୟ ନାୟକ କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ରାଜନଗରର ଜାତୀୟ ଉଦ୍ୟାନ ଭିତରକନିକା ବିଶ୍ୱସ୍ତରର ଆକର୍ଷଣ। ଏହାର ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଇକୋ ସେନସେଟିଭ ଜୋନ ଘୋଷଣା କରିଛନ୍ତି। ଏଥିରେ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର ୨୨୬ ଗ୍ରାମ ଅଛି। ପ୍ରକଳ୍ପ ଓ ପାଣି ଉଠାସ୍ଥାନ ଏହି ଜୋନ ମଧ୍ୟରେ ଯାଉଛି। ଏଠାରେ କୌଣସି ପ୍ରକଳ୍ପ ନିମନ୍ତେ ଜୋନ କମିଟିର ସମ୍ମତି ଆବଶ୍ୟକ। ପ୍ରକଳ୍ପ ନିର୍ମାଣ ସମୟରେ ଜୈବ ବିବିଧତା ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥାଏ। ବିଶ୍ଳେଷକଙ୍କ ମତ ନିଆଯାଇ କମିଟି ସୁପାରିସ କରିଥାଏ। ତେବେ ଏକ ଠକ ସଂସ୍ଥାଠାରୁ ରିପୋର୍ଟ ଆଣି ରିଜୋଲେଶନ କରାଯାଉଥିବାରୁ କମିଟି ବୈଠକରେ ବିରୋଧ କରାଯାଇଛି। ବରୁଣାଡିହାଠାରେ ପ୍ରବଳ ବିରୋଧ ସତ୍ତ୍ୱେ ଜିଲା ପ୍ରଶାସନ ଏହି ପ୍ରକଳ୍ପ ପ୍ରତି ଅହେତୁକ ଅନୁଗ୍ରହ ଦେଖାଉଛନ୍ତି। ଫଳରେ ଭିତରକନିକାର ଜୈବ ବିବିଧତା ନଷ୍ଟ ହୋଇଯିବ। ଏହାକୁ ବରଦାସ୍ତ କରାଯିବ ନାହିଁ। ପ୍ରକଳ୍ପ ବନ୍ଦ ପର୍ଯ୍ୟନ୍ତ ଆମରଣ ଅନଶନ ଜାରି ରଖିବେ ବୋଲି ସେ କହିଛନ୍ତି।

# ଷଣ୍ଢକୁଦ ବସ୍ତିକୁ ପାରାଦୀପ ଆଦର୍ଶ ଥାନାରେ ସାମିଲ ପାଇଁ ଦାବି

### ଜଟାଧାର ମୁହାଣ ସାମୁଦ୍ରିକ ଥାନା ସ୍ଥାନାନ୍ତର ପ୍ରସଙ୍ଗ

ପାରାଦୀପ,୧୦।୮(ସ୍ୱ.ପ୍ର.)

ପାରାଦୀପ ନୂଆବଜାରଠାରେ ଥିବା ଜଟାଧାର ମୁହାଣ ସାମୁଦ୍ରିକ ଥାନାର ସୀମା ନିର୍ଦ୍ଧାରଣ ପାଇଁ ମଙ୍ଗଳବାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଦାବିପତ୍ର ଦିଆଯାଇଛି। ଷଣ୍ଢକୁଦ ବସ୍ତିକୁ ପାରାଦୀପ ଆଦର୍ଶଥାନା ଅଧୀନରେ ସାମିଲ କରିବାକୁ ଦାବି କରାଯାଇଛି। ଏହି ଦାବିର ନକଲ ରାଜ୍ୟ ଗୃହ ବିଭାଗ ସଚିବ, ଡିଜିପି, ଜଗତ୍‌ସିଂହପୁର ଜିଲାପାଳ, ଏସ୍‌ପିଙ୍କ ଉଦ୍ଦେଶ୍ୟରେ ପଠାଯାଇଛି। ପାରାଦୀପ ମଣ୍ଡଳ ଭାଜପା ପକ୍ଷରୁ ଏସବୁ ଦାବିପତ୍ର ଦିଆଯାଇଛି। ପାରାଦୀପରେ ଏବେ ୫ ଥାନା ରହିଛି। ୨୦୧୮ରେ ଜଟାଧାର ମୁହାଣ ସାମୁଦ୍ରିକ ଥାନା ପ୍ରତିଷ୍ଠା ହୋଇଥିଲା। ଏହି ଥାନାର ମୂଳ ବିଜ୍ଞପ୍ତି ଏରସମା ବ୍ଲକ ଅଧୀନ ନୋଳିଆ ସାହିରେ ଥିଲା। ତେବେ ସେଠାରେ ଭିତ୍ତିଭୂମି ନ ଥିବାରୁ ଥାନା ପାରାଦୀପ ନୂଆବଜାର ବନ୍ଦର କ୍ୱାର୍ଟରରେ ଚାଲିଛି। ଉକ୍ତ ଥାନା ଅଧୀନରେ ବେଳାଭୂମି ଅଞ୍ଚଳ ଓ ଷଣ୍ଢକୁଦ ବସ୍ତି ରହିଛି। ଗତ ମାର୍ଚ୍ଚରେ ନୋଳିଆସାହିରେ ନୂତନ ଥାନା ଗୃହ ପ୍ରତିଷ୍ଠା ହେବା ପରେ ଥାନାର ସମସ୍ତ ଆସବାବପତ୍ର ସ୍ଥାନାନ୍ତର ହୋଇଛି। ବିଧିବଦ୍ଧ ଭାବେ ଥାନା ସ୍ଥାନାନ୍ତର ଘୋଷଣା କରାଯାଇନାହିଁ। ପ୍ରତିଦିନ ଥାନାର ପାଟ୍ରୋଲିଂ ଗାଡି ଆସି ଷଣ୍ଢକୁଦ ବେଳାଭୂମି ଅଞ୍ଚଳରେ ପଇଁତରା ମାରୁଛି। କିନ୍ତୁ ଅଭିଯୋଗ ଓ ଅନ୍ୟ ସମସ୍ତ କାମପାଇଁ ଷଣ୍ଢକୁଦ ଲୋକଙ୍କୁ ନୋଳିଆସାହି ଯିବାକୁ ପଡୁଛି। ଏହା ପାରାଦୀପଠାରୁ ୪୦ କିମି ଦୂରରେ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ପ୍ରମୁଖ ନେତା ଯୋଗଦେଲେ ନାହିଁ

### ବିଜେଡି ଛାତ୍ର କାର୍ଯ୍ୟକାରିଣୀ ବୈଠକ

ପାରାଦୀପ,୧୦।୮(ସ୍ୱ.ପ୍ର.)

ପାରାଦୀପ ନିର୍ବାଚନ ମଣ୍ଡଳୀର ବିଜେଡି ଛାତ୍ର କାର୍ଯ୍ୟକାରିଣୀ ବୈଠକକୁ ନେଇ ମଙ୍ଗଳବାର ଚର୍ଚ୍ଚା ହୋଇଛି। କେତେଜଣ ହାତଗଣତି ଦଳୀୟକର୍ମୀଙ୍କୁ ନେଇ ଏହା କରାଯାଇଥିଲା। ଏଥିରେ ପାରାଦୀପ ମଣ୍ଡଳର ପ୍ରମୁଖ କର୍ମୀମାନେ ଅନୁପସ୍ଥିତ ଥିଲେ। ବିଶେଷକରି ଛାତ୍ର ସଭାପତି ଅବିନାଶ ରାଉତ, ପାରାଦୀପ ନଗର ସଭାପତି ବସନ୍ତ ବିଶ୍ୱାଳ, ବିଧାୟକ ସମ୍ବିତ ରାଉତରାୟ ପ୍ରମୁଖ ଯୋଗଦେଇ ନ ଥିଲେ। ପାରାଦୀପ ବିଜେଡିରେ ୨୦୧୯ ନିର୍ବାଚନ ଠାରୁ ଅନ୍ତଃକନ୍ଦଳ ରହିଛି। ଗୋଟିଏ ପଟେ ବିଧାୟକ ଓ ଅନ୍ୟପଟେ ନଗର ସଭାପତି ରହିଛନ୍ତି। ଏହାବାଦ୍ ଶ୍ରମିକନେତା ତଥା ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକଙ୍କ ଅଲଗା ପତିଆରା ରହିଛି। ଏପରି ସମୟରେ କର୍ମକର୍ତ୍ତା ଚୟନକୁ ନେଇ ପରସ୍ପର ଗୋଷ୍ଠୀ ସର୍ବସମ୍ମୁଖରେ ବିପରୀତ ବୟାନ ଦେଉଛନ୍ତି। ମଙ୍ଗଳବାର ଛାତ୍ର କାର୍ଯ୍ୟକାରିଣୀ ବୈଠକ ପୂର୍ବରୁ ଗୋଟିଏ ଗୋଷ୍ଠୀର ପ୍ରମୁଖମାନେ ରାଜ୍ୟ ବାହାରକୁ ପଳାଇଛନ୍ତି। ବିଧାୟକଙ୍କ ଗୋଷ୍ଠୀ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ମାତ୍ର ବିଧାୟକ ରାଉତରାୟ କାର୍ଯ୍ୟକ୍ରମକୁ ଆସି ନ ଥିଲେ। ଏ ସମ୍ପର୍କରେ ରାଉତରାୟ କୁହନ୍ତି, ଏହା ଛାତ୍ର ଓ ଯୁବ ବିଜେଡିର କାର୍ଯ୍ୟକ୍ରମ ଥିଲା। ଏଥିରେ ନଗର ବିଜେଡି ସଭାପତିଙ୍କ କୌଣସି ଆବଶ୍ୟକତା ନାହିଁ। ଏଥିସହ ସେ ଅସୁସ୍ଥ ଥିବାରୁ ବୈଠକରେ ଯୋଗଦେଇପାରି ନ ଥିଲେ।

ଏ ସମ୍ପର୍କରେ ଛାତ୍ର ସଭାପତି ରାଉତଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ମୋବାଇଲ ବନ୍ଦ ରହିଛି। ଏ ବିଷୟରେ ନଗର ସଭାପତି ବିଶ୍ୱାଳ କହିଛନ୍ତି, ଜରୁରୀ କାମ ଥିବାରୁ ସେ ହାଇଦ୍ରାବାଦ ଆସିଛନ୍ତି। ମାତ୍ର ବୈଠକରେ କ'ଣ ଘଟିଛି ସେ ଜାଣିନହାନ୍ତି ବୋଲି ଦର୍ଶାଇଛନ୍ତି।

# ଭିନ୍ନକ୍ଷମ ଶିଶୁଙ୍କୁ ଚିହ୍ନଟ ତାଲିମ


କେନ୍ଦ୍ରାପଡ଼ାରେ ତାଲିମ ଶିବିରରେ ଯୋଗ ଦେଇଥିବା ଅଙ୍ଗନୱାଡ଼ି କର୍ମୀମାନେ।

କେନ୍ଦ୍ରାପଡ଼ା ଅଫିସ/ ରାଜନଗର, ୧୦।୮ (ଡି.ଏନ.ଏ.)

ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ବ୍ଲକ ପରିସରରେ ବ୍ଲକସ୍ତରୀୟ ଭିନ୍ନକ୍ଷମ ଚିହ୍ନଟ ପାଇଁ ଅଙ୍ଗନୱାଡ଼ି କର୍ମୀଙ୍କ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅଶ୍ୱନୀ କୁମାର ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ, ଏବିଡିଓ ଅନିରୁଦ୍ଧ ବେହେରା ଏଥିରେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ସେମାନେ କହିଥିଲେ, ୨୧ ପ୍ରକାର ଭିନ୍ନକ୍ଷମ ଚିହ୍ନଟ ବ୍ୟବସ୍ଥା ହୋଇଛି। କର୍ମୀମାନେ ୦ରୁ ୬ ବର୍ଷର ଶିଶୁଙ୍କୁ ଏହି ଅବସରରେ ଚିହ୍ନଟ କରିବା ପରେ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଏହାକୁ ବ୍ଲକ କର୍ମଚାରୀମାନେ ପରିଚାଳନା କରିଥିଲେ। ସେହିପରି ରାଜନଗର ବ୍ଲକ ସଭାଗୃହରେ ଅନୁଷ୍ଠିତ ତାଲିମ ଶିବିରକୁ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଶିବିରରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ପୁଷ୍ପଲତା ଦାଶ, ବିଆରଟି ହେମକାନ୍ତ ମଲ୍ଲିକ, ଜଗନ୍ନାଥ ପରିଡା ଯୋଗଦେଇ ଅଙ୍ଗନୱାଡ଼ି କର୍ମୀଙ୍କୁ ତାଲିମ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଧର୍ମେନ୍ଦ୍ର କୁମାର ଦାଶ ପରିଚାଳନା କରିଥିଲେ। ଦୁଇଟି ଦଫାରେ ୧୦୨ଜଣ ଅଙ୍ଗନୱାଡ଼ି କର୍ମୀ ଓ ସୁପରଭାଇଜର ତାଲିମ ନେଇଛନ୍ତି। ଶିବିର ଆସନ୍ତା ୧୨ ତାରିଖ ଯାଏ ଚାଲିବ। ଏହାକୁ ଅସିତ କୁମାର ସ୍ୱାଇଁ, ଶୀତଲ କୁମାର ଜେନା ପରିଚାଳନା କରିଥିଲେ।

# ସ୍ଥାନାନ୍ତର ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର

### ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ବିବାଦ

- ନିରାଶ କଲେ ଅତିରିକ୍ତ ଜିଲାପାଳ

ଜଗତ୍‌ସିଂହପୁର ଅଫିସ, ୧୦।୮

ରଘୁନାଥପୁର ସାନବଜାର ନିକଟରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ପୂର୍ବତନ ତିର୍ତ୍ତୋଲ ବିଧାୟକ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ନିର୍ମାଣକୁ ନେଇ ବିବାଦ ଲାଗି ରହିଛି। ତୁରନ୍ତ ପ୍ରତିମୂର୍ତ୍ତି ସ୍ଥାନାନ୍ତର ପାଇଁ ଜିଲା ଯୁବ କଂଗ୍ରେସ ପକ୍ଷରୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହାର ନକଲ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବଙ୍କ ନିକଟକୁ ପଠାଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ସଭାପତି ଦେବଦ୍ୟୁତି ପୃଷ୍ଟି, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ବୀରେନ କୁମାର ଦଳାଇ ପ୍ରମୁଖ କହିଥିଲେ,ଉତ୍କଳମଣିଙ୍କ ନିକଟରେ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ କଂଗ୍ରେସ ବିରୋଧ କରୁଛି। ପ୍ରଶାସନ ପକ୍ଷରୁ ପାଚେରି ନିର୍ମାଣ ସମ୍ପର୍କରେ ସେ କହିଛନ୍ତି, ପ୍ରତିମୂର୍ତ୍ତି ମଝିରେ ପ୍ରାଚୀର ନିର୍ମାଣ କରାଯାଇ ଉଭୟ ଦିବଂଗତ ଆତ୍ମାକୁ ବାରମ୍ବାର ଅସମ୍ମାନିତ କରାଯାଉଛି। ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଦାବିରେ ୫ ଦିନ ହେବ କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ ଓ ତାଙ୍କ ୨ ସହଯୋଗୀ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ସେହିପରି ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ ୯ ଦିନ ହେବ ଧାରଣାରେ ବସିଛନ୍ତି। ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯିବାରେ କୌଣସି ପ୍ରକାର ଆପତ୍ତି ନାହିଁ। କିନ୍ତୁ ଉତ୍କଳମଣୀଙ୍କ ନିକଟରେ ତାହା ନ କରିବାକୁ ଧାରଣାକାରୀମାନେ ଦାବି କରିଛନ୍ତି। ଏହା କରା ନ ଗଲେ ଖୁବ୍‌ଶୀଘ୍ର ଜନ ଆନ୍ଦୋଳନର ରୂପ ନେବ ବୋଲି ମଲ୍ଲିକ କହିଛନ୍ତି। ସେ କହିଛନ୍ତି ସେମାନେ ଦାବିପତ୍ର ଦେବାପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଆନ୍ଦୋଳନସ୍ଥଳକୁ ଆଲୋଚନା ପାଇଁ ଯାଇଥିଲେ। ଏତେଦିନ ହେବ ଆନ୍ଦୋଳନ ଚାଲିଥିଲେ ସୁଦ୍ଧା କେହି ପ୍ରଶାସନିକ ଅଧିକାରୀ ସେଠାକୁ ଯାଇ ନ ଥିଲେ। ଅତିରିକ୍ତ ଜିଲାପାଳ ପହଞ୍ଚିବାରୁ କିଛି ନିର୍ଯାସ ବାହାରିବ ବୋଲି ଆଶା କରାଯାଉଥିଲା। କିନ୍ତୁ ସେ ଆନ୍ଦୋଳନକାରୀଙ୍କୁ ଆଶ୍ୱାସନା କି ସନ୍ତୋଷଜନକ ପ୍ରତିଶ୍ରୁତି ଦେବା ବଦଳରେ ଉପରଠାଉରିଆ ଭାବେ କଥା କହିବାରୁ ଏହି ଆଲାଚନା ବିଫଳ ହୋଇଯାଇଛି। ଏନେଇ ଅସନ୍ତୋଷ ପ୍ରକାଶ ପାଇଛି।



ଜିଲାପାଳଙ୍କୁ କଂଗ୍ରେସ ପକ୍ଷରୁ ଦାବିପତ୍ର ଦିଆଯାଉଛି।

# ୧୬ ଦଫା ଦାବିରେ ଶ୍ରମିକ, କୃଷକ ସଙ୍ଗଠନର ବିକ୍ଷୋଭ

- ପରିବାର ପିଛା ୭୫୦୦ ଟଙ୍କା ଦେବାକୁ ଦାବି
- ଉଠାଦୋକାନୀଙ୍କୁ ଆର୍ଥିକ ସହାୟତା ଦିଅ

ରଘୁନାଥପୁର, ୧୦(ଡିଏନଏ)



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରାଯାଉଛି।

କରୋନା ମହାମାରୀ ଯୋଗୁ ଗତ ୧୬ ମାସ ଧରି କୃଷକ, ଶ୍ରମିକ ଓ ମଜୁରିଆ ଶ୍ରେଣୀର ଲୋକେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଏନେଇ ରାଜ୍ୟ ସରକାର ସେମାନଙ୍କ ପରିବାର ପିଛା ମାସିକ ୭ହଜାର ୫ଶହ ଟଙ୍କା ସହ ୧୦ କେଜି ଚାଉଳ ଏବଂ ସହରାଞ୍ଚଳ ପରି ଗ୍ରାମାଞ୍ଚଳରେ ଥିବା ଉଠା ଦୋକାନୀ ଓ ବୁଲା ବିକାଳିଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଅନ୍ତୁ। ଏଭଳି ୧୬ ଦଫା ଦାବି ନେଇ ମଙ୍ଗଳବାର ଭାରତ ଟ୍ରେଡ୍ ୟୁନିଅନ କେନ୍ଦ୍ର, ଓଡ଼ିଶା କୃଷକ ସଭା ଏବଂ ଓଡିଶା ମଜ୍‌ଦୁର ୟୁନିୟନର ମିଳିତ ଆନୁକୂଲ୍ୟରେ କୃଷକ, ଶ୍ରମିକ ଓ ଖଟିଖିଆ ଶ୍ରେଣୀଙ୍କ ପକ୍ଷରୁ ରଘୁନାଥପୁର ବ୍ଲକ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏନେଇ ଆୟୋଜିତ ପ୍ରତିବାଦ ସଭାରେ ସିଆଇଟିୟୁ ରାଜ୍ୟ ସଭା ସଭାପତି ଲୋଭାକାନ୍ତ ସ୍ୱାଇଁ ଯୋଗଦେଇ ୪ ଶ୍ରମ କୋଡ୍ ଓ ୩ଟି କୃଷି ଆଇନ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଏଥିସହ ବିଦ୍ୟୁତ୍ ଘରୋଇକରଣ, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନ, ସରକାରୀ ଉଦ୍ୟୋଗର ଘରୋଇକରଣ ବାତିଲ, ଦୁଗ୍ଧଚାଷୀଙ୍କ ସହ କୁକୁଡ଼ା, ଛେଳି ଓ ମେଣ୍ଢା ଚାଷୀଙ୍କୁ ଆର୍ଥିକ ସହାୟତା ଓ ଅନ୍ୟାନ୍ୟ ଦାବି ସମ୍ପର୍କରେ ମତ ରଖିଥିଲେ। ସିଆଇଟିୟୁ(ସିଟୁ) ଜିଲା ଉପସଭାପତି ବିନ୍ଦୁସାଗର ଓଝାଙ୍କ ନେତୃତ୍ୱରେ କୃଷକ ଓ ଶ୍ରମିକମାନେ ସ୍ଥାନୀୟ ମଦନମୋହନ ମଠରୁ ଏକ ରାଲିରେ ଆସି ବ୍ଲକ ନିକଟରେ ପହଞ୍ଚିଥିଲେ। କୃଷକ ସଭାର ଜିଲା ଆବାହକ ଗଣେଶ ଚନ୍ଦ୍ର ମାଣିଆ, ମଜଦୁର ୟୁନିୟନର ଯୁଧିଷ୍ଠିର ଦାସ, କଳ୍ପନା ପରିଡା, ପ୍ରମିଳା ସେଠୀ, ଧନେଶ୍ୱର ରାଉତ ଓ ବିଜୟ ନାୟକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ସାଇ ମନ୍ଦିରରୁ ଚୋରି

ଚଣ୍ଡିଖୋଲ,(ଡି.ଏନ.ଏ.): ବଡ଼ଚଣା ଥାନା ଶାସନପୁରୁଷୋତ୍ତମପୁର ସାଇ ମନ୍ଦିରରୁ ସୋମବାର ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳୁ ପୂଜକ ପୂଜା କରିବାକୁ ଗଲାବେଳେ ମନ୍ଦିର ଖୋଲାଥିବା ଦେଖିଥିଲେ। ମନ୍ଦିରରେ ପଶି ଦେଖିବା ପରେ ୩ଟି ମୁକୁଟ ଓ ଛତା ସହିତ ଅନ୍ୟ ଆସବାବପତ୍ର ଲୁଟ୍ ହୋଇଥିବା ଜଣାପଡ଼ିଥିଲା। ଏସମ୍ପର୍କରେ ପୂଜକ ଗ୍ରାମବାସୀଙ୍କୁ ଖବର ଦେବାପରେ ଗ୍ରାମବାସୀଙ୍କ ତରଫରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୩୦୧/୨୧ରେ ମାମଲା ରୁଜୁ କରିଥିଲା। ପରେ ସାଇଣ୍ଟିଫିକ ଟିମ୍ ଓ ବଡ଼ଚଣା ଥାନାଧିକାରୀ ପ୍ରିୟବ୍ରତ ରାଉତଙ୍କ ସମେତ ପୋଲିସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ଥାନା ଅଧିକାରୀ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ବଳାତ୍କାର ଉଦ୍ୟମ ଅଭିଯୋଗରେ ଜଣେ ଗିରଫ

ଧର୍ମଶାଳା,୧୦।୮(ଡି.ଏନ.ଏ.): ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ମଙ୍ଗଳବାର ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି। ସେ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ରାଣୀବନ୍ଦୀ ଗ୍ରାମର ସୁବ୍ରତ ସାହୁ (୪୫)। ଅଭିଯୋଗ ମୁତାବକ, ସୋମବାର ଏହି ଥାନା ଅଧୀନ ରାଣୀବନ୍ଦୀ ଅଞ୍ଚଳର ଜଣେ ଯୁବତୀ ଘରେ ଏକା ଥିଲେ। ଏହି ସମୟରେ ସୁବ୍ରତ ତାଙ୍କ ଘରେ ପଶି ଜୋର ଜବରଦସ୍ତ ଯୁବତୀଙ୍କୁ ଟଣା ଓଟରା କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ଏନେଇ ଯୁବତୀଙ୍କ ପରିବାର ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୧୩/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ତାରିଣୀ ମନ୍ଦିରରୁ ଚୋରି ଅଭିଯୋଗ

ଧର୍ମଶାଳା,୧୦।୮(ଡି.ଏନ.ଏ.): ଧର୍ମଶାଳା ଥାନା ଥାନୁଆଳ ପଞ୍ଚାୟତ ମୁରାରିପୁର ଗ୍ରାମର ମା' ତାରିଣୀ ମନ୍ଦିରରୁ ଚୋରି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ସୋମବାର ରାତିରେ ମନ୍ଦିରରେ କେହି ଦୁର୍ବୃତ୍ତ ପଶି ମା'ଙ୍କ ରୁପା ମୁକୁଟ, ଆଖି, ଟିକିଲି ସହ ହୁଣ୍ଡି ବାକ୍ସ ଲୁଟି ନେଇଛନ୍ତି। ମଙ୍ଗଳବାର ସକାଳେ ଗ୍ରାମବାସୀ ମନ୍ଦିରକୁ ଯାଇଥିବା ବେଳେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୧୭/୨୧ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛି। ହେଲେ ଚୋରଙ୍କ ଟେର୍ ପାଇ ପାରିନାହିଁ।

### ୪୯୯ ପରୀକ୍ଷାର୍ଥୀ ଦେବେ ନବୋଦୟ ପ୍ରବେଶିକା ପରୀକ୍ଷା

ଚଣ୍ଡିଖୋଲ,୧୦।୮(ଡି.ଏନ.ଏ.): ବୁଧବାର ନବୋଦୟ ପ୍ରବେଶିକା ପରୀକ୍ଷା ଆରମ୍ଭ ହେବ। ସେଥିପାଇଁ ବଡ଼ଚଣା ଶିକ୍ଷାମଣ୍ଡଳ ତରଫରୁ ବ୍ୟାପକ ପ୍ରସ୍ତୁତ ହୋଇଛି। ଏହି ବ୍ଲକ ଅଧୀନ ୩ଟି କେନ୍ଦ୍ରରେ ୪୯୯ ପରୀକ୍ଷାର୍ଥୀ ପ୍ରବେଶିକା ପରୀକ୍ଷା ଦେବେ। ମହାବିନାୟକ ବିଦ୍ୟାୟନ ବଡ଼ଚଣାରେ ୧୬୮, ଛତିଆରେ ୧୬୩ ଓ ବାଲିଚନ୍ଦ୍ରପୁରରେ ୧୬୮ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଶିକ୍ଷା ବିଭାଗ ତରଫରୁ ସ୍ଥିରୀକୃତ ହୋଇଛି। କୋଭିଡ୍ କଟକଣା ନିୟମ ଅନୁଯାୟୀ ସମସ୍ତ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଥିବା ବ୍ଲକ ଶିକ୍ଷାଧିକାରୀ ହରିହର ଦଳେଇ ପ୍ରକାଶ କରିଛନ୍ତି।

### ଛାତ୍ରଙ୍କୁ ଅସଦାଚରଣ ଅଭିଯୋଗରେ ଶିକ୍ଷକ ଗିରଫ

ଧର୍ମଶାଳା,୧୦।୮(ଡି.ଏନ.ଏ.): ନାବାଳକ ଛାତ୍ରଙ୍କୁ ଅସଦାଚରଣ ଅଭିଯୋଗରେ ମଙ୍ଗଳବାର ଜଣେ ଶିକ୍ଷକ ଗିରଫ ହୋଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଧର୍ମଶାଳା ଥାନା ଜାରକା ପଞ୍ଚାୟତ ଜାମୁବଣିଆ ଗ୍ରାମରେ। ଅଭିଯୋଗ ମୁତାବକ, ଏହି ଥାନା କୁମାରୀ ଅଞ୍ଚଳର ଶିକ୍ଷକ ଆଶୁତୋଷ ମୁଦୁଲି ଜାମୁବଣିଆ ଅଞ୍ଚଳର ଜଣେ ଛାତ୍ରକୁ ଟ୍ୟୁଶନ ପଢ଼ାଇଥାନ୍ତି। ତେବେ ସୋମବାର ସନ୍ଧ୍ୟାରେ ଶିକ୍ଷକ ଟ୍ୟୁଶନ ପଢ଼ାଇବାକୁ ଯାଇଥିବା ସମୟରେ ଛାତ୍ରଙ୍କ ଘରେ କେହି ନ ଥିଲେ। ଏହାର ସୁଯୋଗରେ ସମ୍ପୃକ୍ତ ଶିକ୍ଷକ ଉକ୍ତ ୧୦ବର୍ଷର ଛାତ୍ରଙ୍କୁ ଅସଦାଚରଣ କରିଥିଲେ। ଘରକୁ ବାପାମା' ଫେରିବା ପରେ ଛାତ୍ର ସବୁ କଥା କହିଥିଲେ। ଏହାପରେ ମଙ୍ଗଳବାର ଛାତ୍ରଙ୍କ ମା' ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୧୮/୨୧ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ସନ୍ଧ୍ୟାରେ ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି।

### ବିଜେଡି ବ୍ଲକ ପର୍ଯ୍ୟବେକ୍ଷକ ମନୋନୀତ

ଯାଜପୁର ଅଫିସ,୧୦।୮: ରାଜ୍ୟ ବିଜୁ ଯୁବ ଜନତା ଦଳର ସଭାପତି ବ୍ୟୋମକେଶ ରାୟଙ୍କ ଅନୁମୋଦନ କ୍ରମେ ଯାଜପୁର ଜିଲା ବିଜୁ ଯୁବ ଜନତାଦଳର ସଭାପତି ପ୍ରତାପ କୁମାର ମହାନ୍ତି ଜିଲାର ୧୦ ବ୍ଲକ ଓ ୨ ପୌରାଞ୍ଚଳ ପାଇଁ ପର୍ଯ୍ୟବେକ୍ଷକ ମନୋନୀତ କରିଛନ୍ତି। ଏଥିରେ ଯାଜପୁର ବ୍ଲକ ପାଇଁ ପ୍ରଶାନ୍ତ ଦାସ, ବିଞ୍ଝାରପୁର ବ୍ଲକ ପାଇଁ ମାନସରଞ୍ଜନ ଜେନା, ବରୀ ପାଇଁ ମନୋଜ ରାଉତ, ରସୁଲପୁର ପାଇଁ ସୁବ୍ରତ ଧଳ, ଦଶରଥପୁର ବ୍ଲକ ନିଳାଦ୍ରୀ ଭୂଷଣ ସାହୁ, ଧର୍ମଶାଳା ପାଇଁ ବିନୟ କୁମାର ପୃଷ୍ଟି, ସୁକିନ୍ଦା ପାଇଁ ବିରଜା ମଲ୍ଲିକ, ଦାନଗଦି ପାଇଁ ସୁଧାଂଶୁ ବରାଳ, ବଡଚଣା ବ୍ଲକ ପାଇଁ ଗୋଲକ ଚନ୍ଦ୍ର ମାଝି, କୋରେଇ ବ୍ଲକ ପାଇଁ ପାର୍ଥସାରଥି ରାୟ ଏବଂ ଯାଜପୁର ଓ ବ୍ୟାସନଗର ମ୍ୟୁନିସିପାଲିଟି ପାଇଁ ଯଥାକ୍ରମେ ସୌଭାଗ୍ୟ କୁମାର ମହାନ୍ତି ଓ ଦେବଦତ୍ତ ଦାସ ମନୋନୀତ ହୋଇଛନ୍ତି।

# ଖଣି, ଶିଳ୍ପାଞ୍ଚଳରେ ପ୍ରଦୂଷଣ ଉତ୍କଟ

- ଧାରା ଶ୍ରାବଣରେ ବି ଶୁଖିଲା ପଡ଼ିଛି ଚାଷ ଜମି
- ଜୁଲାଇରେ ଦାନଗଡି, ଅଗଷ୍ଟରେ ସୁକିନ୍ଦାରେ ସର୍ବନିମ୍ନ ବର୍ଷା

ଯାଜପୁର ଅଫିସ,୧୦।୮



ସୁକିନ୍ଦା ଅଞ୍ଚଳର ଚାଷ ଜମି ଶୁଖିଲା ପଡ଼ିଛି।

ଧାରା ଶ୍ରାବଣରେ ବି ଶୁଖିଲା ପଡିଛି ଧରାପୃଷ୍ଠ। କାଁଭାଁ ବର୍ଷା ହେଉଥିଲେ ହେଁ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରିଛି। ଖଣି ଓ ଶିଳ୍ପ ସମୃଦ୍ଧ ଯାଜପୁର ଜିଲା ଏଥିରୁ ବାଦ୍ ପଡିନି। ପ୍ରଦୂଷଣ ବୃଦ୍ଧି, ସବୁଜ ଗୃହ ବାଷ୍ପପ୍ରବାହ ଓ ଏରୋସଲର ଫଳ ସ୍ୱରୂପ ଏଭଳି ସମସ୍ୟା ଦେଖାଦେଇଛି ବୋଲି ସୋମବାର ଇଣ୍ଟର ଗର୍ଭମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ୍ ଚେଞ୍ଜ (ଆଇପିସିସି) ରିପୋର୍ଟରେ କୁହାଯାଇଛି। ଏପରି କି ଆସନ୍ତା ୨୦ ବର୍ଷ ମଧ୍ୟରେ ତାପମାତ୍ରା ୧.୫ ଡିଗ୍ରୀ କିମ୍ବା ଏହାକୁ ଟପିଯିବ ବୋଲି ଆଇପିସିସି ପକ୍ଷରୁ କ୍ଲାଇମେଟ୍ ଚେଞ୍ଜ ୨୦୨୧ ନାମରେ ପ୍ରକାଶିତ ରିପୋର୍ଟରେ ଆଶଙ୍କା ପ୍ରକାଶ ପାଇଛି। ତେବେ ଅଙ୍ଗାରକାମ୍ଳ ଏବଂ ଅନ୍ୟ ସବୁଜ ଗୃହ ବାଷ୍ପ ନିର୍ଗମନକୁ କମାଇ ପାରିଲେ ଜଳବାୟୁ ପରିବର୍ତ୍ତନକୁ ସୀମିତ କରାଯାଇ ପାରିବ ବୋଲି ଆଇପିସିସି କାର୍ଯ୍ୟକାରୀ ଗ୍ରୁପ-୧ର ସହ ଅଧ୍ୟକ୍ଷ ପାନପାଓ ଝାଇ କହିଛନ୍ତି। ଯାଜପୁର ଜିଲାରେ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ରହିଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ଶିଳ୍ପ ଓ ଖଣି କମ୍ପାନୀ ପ୍ରୀତି ଯୋଗୁ ଆଇପିସିସିର ଆଶଙ୍କା ସତ ହେବ ବୋଲି ପରିବେଶବିତ୍ ପ୍ରକାଶ କରିଛନ୍ତି। ଜୁଲାଇ ଓ ଅଗଷ୍ଟ ମାସର ବର୍ଷା ରିପୋର୍ଟକୁ ଅନୁଧ୍ୟାନ କଲେ ଏହି ଆଶଙ୍କା ଆହୁରି ଘନୀଭୂତ ହେଉଛି।

ଶ୍ରାବଣର ତୃତୀୟ ସପ୍ତାହ ଚାଲିଛି। ଧାରା ଶ୍ରାବଣରେ ଚାଷୀ ରୁଆ ବିହୁଡା କାମ ପ୍ରାୟ ସମ୍ପାଦନ କରିଥାଏ। ଏଥିପାଇଁ ଅଗଷ୍ଟରେ ୩୪୧.୨ ମିମି ବର୍ଷାର ଆବଶ୍ୟକତା ରହିଥାଏ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। କିନ୍ତୁ ଜିଲାରେ ଏହା ସମ୍ଭବ ହୋଇ ପାରିନାହିଁ। ଫଳରେ ଅଣଜଳସେଚିତ ଅଞ୍ଚଳ ଚାଷୀଙ୍କ ଚିନ୍ତା ବଢିଛି। ଏଭଳି ସ୍ଥିତିରେ ଚାଷୀ ପୁଣି କେବେ ବେଉଷଣ କରିବେ ସେନେଇ ଭାଳେଣି ପଡିଛି। ଏସ୍‌ପିସିବିର ଖଣି ଓ କାରଖାନାର ପ୍ରଦୂଷଣ ଉପରେ ନିୟନ୍ତ୍ରଣ ରହୁ ନ ଥିବାରୁ ଏଭଳି ପରିସ୍ଥିତି ଦେଖା ଦେଉଥିବା ମତପ୍ରକାଶ ପାଉଛି। ରାତି ୮ଟା ପରେ କୌଣସି ଶିଳ୍ପ କାରଖାନା ଆଉ ଇଏସ୍‌ପି ଚଳାଉ ନାହାନ୍ତି। ଏପରି କି ଛୁଟିଦିନ ବିଦ୍ୟୁତ୍ ଦେୟ ହ୍ରାସ କରିବାକୁ ଇଏସ୍‌ପି ଚଳାଯାଉ ନ ଥିବାରୁ କେତେକ କମ୍ପାନୀର ବିଷାକ୍ତ ଧୂଆଁ ପରିବେଶକୁ ଅସନ୍ତୁଳିତ କରି ପକାଉଛି। ଖଣି ଅଞ୍ଚଳରେ ଅବାଧ ବୃକ୍ଷଛେଦନ ଓ ଇଟିପି ବାହାରେ ଲକ୍ଷାଧିକ କ୍ୟୁସେକ ପ୍ରଦୂଷିତ ଜଳ ଛାଡିବା ଜଳବାୟୁ ପରିବର୍ତ୍ତନରେ ଅନ୍ୟତମ କାରଣ ହୋଇଛି। ଏଥିଯୋଗୁ ବାୟୁ ପ୍ରଦୂଷଣ କେବଳ ଅନିୟନ୍ତ୍ରିତ ନୁହେଁ, ବିପଦଜ୍ଜନକ ହେବାରେ ଲାଗିଛି। ବାୟୁ ପ୍ରଦୂଷଣ ନିରୀକ୍ଷଣ କେନ୍ଦ୍ର ପକ୍ଷରୁ ୨୦୧୫ରୁ ୨୦୧୭ ମଧ୍ୟରେ ସଂଗୃହୀତ ତଥ୍ୟ ଅନୁସାରେ ରାଜ୍ୟର ୩୪ଟି ସହର ମଧ୍ୟରୁ ଯାଜପୁର ଜିଲାର କଳିଙ୍ଗନଗର ମଧ୍ୟ ବାୟୁ ପ୍ରଦୂଷଣ ତାଲିକାରେ ରହିଛି। ଏହି ସହରରେ ପ୍ରତି ଘନମିଟର (କ୍ୟୁବିକ ମିଟର) ପିଛା ୧୧୩ ମାଇକ୍ରୋଗ୍ରାମ ପ୍ରଦୂଷଣ ରହିଥିଲା। ବେଳହୁଁ ପ୍ରତିକାର ସ୍ୱରୂପ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ ନ କଲେ ଏହା ଗୁରୁତର ପରିସ୍ଥିତି ସୃଷ୍ଟି କରିବ ବୋଲି ବିଭିନ୍ନ ଅନୁଷ୍ଠାନ ଓ ପରିବେଶବିତ୍ ଚେତାବନୀ ଦେଇଛନ୍ତି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଦ୍ୱାରା ନିର୍ଦ୍ଧାରିତ ବାର୍ଷିକ ବାୟୁ ଗୁଣାତ୍ମକ ମାନ ଘନମିଟର ପିଛା ୬୦ ମାଇକ୍ରୋଗ୍ରାମ କଣିକା ରହିବା କଥା। କିନ୍ତୁ କଳିଙ୍ଗନଗର ଅଞ୍ଚଳରେ ଏହାର ପ୍ରାୟ ଦୁଇଗୁଣ ପ୍ରଦୂଷଣ କଣିକା ରହିଥିବାରୁ ଶିଳ୍ପାଞ୍ଚଳରେ ଗତ ୧୦ ବର୍ଷ ମଧ୍ୟରେ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବାୟୁ, ଜଳ ଓ ଧୂଳିଧୂଆଁଜନିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏହା ପାଣିପାଗ ଉପରେ ମଧ୍ୟ ବେଶ ପ୍ରଭାବ ପକାଉଛି। ଫଳରେ ବର୍ଷାର ଅନୁପାତ କ୍ରମେ ହ୍ରାସ ପାଇବାରେ ଲାଗିଛି। ଗତ ଜୁଲାଇରେ ଜିଲାରେ ଆବଶ୍ୟକ କରୁଥିବା ୩୫୦ ମିମି ବର୍ଷା ସ୍ଥଳେ ହରାହାରି ମାତ୍ର ୧୩୯ ମିମି ବର୍ଷା ହୋଇଥିଲା, ଯାହାକି ୬୦% କମ ବର୍ଷା। ଏଥିରେ ଚାଷୀକୁଳ କେତେ ପ୍ରଭାବିତ ହୋଇଥିବେ ତାହା ସ୍ପଷ୍ଟ ଅନୁମେୟ। ତେବେ ବିଡମ୍ବନା ଯେ, ଜିଲାର ୧୦ଟି ବ୍ଲକ ମଧ୍ୟରୁ ଶିଳ୍ପାଞ୍ଚଳ ଥିବା ଦାନଗଦି ବ୍ଲକରେ ସର୍ବନିମ୍ନ ୮୧.୭୦ ମିମି ବର୍ଷା ହୋଇଥିଲା। ଚଳିତ ଅଗଷ୍ଟ ୧୦ ତାରିଖ ସୁଦ୍ଧା ହରାହାରି ମାତ୍ର ୪୦.୬୩ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ଏଥର ଶିଳ୍ପାଞ୍ଚଳ ପରିବର୍ତ୍ତେ ଖଣି ଖାଦାନରେ ଭରପୂର ସୁକିନ୍ଦା ବ୍ଲକରେ ମାତ୍ର ୪.୩୦ ମିମି ବର୍ଷା ରେକର୍ଡ ହୋଇଛି। ଶିଳ୍ପ ଓ ଖଣି କମ୍ପାନୀର ଉତ୍କଟ ପ୍ରଦୂଷଣ ଯୋଗୁ ଏଭଳି ସମ୍ବେଦନଶୀଳ ସମସ୍ୟା ଦେଖା ଦେଉଥିବା ମତପ୍ରକାଶ ପାଇଛି। ନିକଟରେ ବେଦାନ୍ତ କର୍ତ୍ତୃପକ୍ଷଙ୍କ ଏକ ଇ-ମେଲ ପତ୍ରରୁ ଠିକ୍ ଭାବେ ପ୍ରଦୂଷଣ ନିୟନ୍ତ୍ରଣ ପରିବର୍ତ୍ତେ ଏସ୍‌ପିସିବି କର୍ତ୍ତୃପକ୍ଷ ଖଣି ଓ ଶିଳ୍ପ କମ୍ପାନୀର ଇଚ୍ଛାରେ ପରିଚାଳିତ ହେଉଥିବା ସନ୍ଦେହ କରାଯାଇଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା କହିଛନ୍ତି, କଳିଙ୍ଗନଗର ଅଞ୍ଚଳର ବାୟୁ ପ୍ରଦୂଷଣ ମଡୋରେଟ ସ୍ଥିତିରେ ରହିଛି। ଏହା ବର୍ଷାକୁ ସେତେଟା ପ୍ରଭାବିତ କରୁଛି ବୋଲି ମନେ କରାଯାଉ ନାହିଁ। ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ଏସ୍‌ପିସିବି ସଦାସର୍ବଦା ତତ୍ପର ରହି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି।

## ୪ ବ୍ରାଉନ୍‌ସୁଗାର ବେପାରୀ କୋର୍ଟ ଚାଲାଣ

ବାଲିକୁଦା,୧୦।୮(ସ୍ୱ.ପ୍ର.)

ବାଲିକୁଦା ପୋଲିସ ହାତରେ ଧରାପଡ଼ିଥିବା ୪ ବ୍ରାଉନ ସୁଗାର ବେପାରୀଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଆଳିପିଙ୍ଗଳ ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ବାଲିକୁଦା ଥାନା କୃଷ୍ଣଦାସପୁର ପଞ୍ଚାୟତ ଚଷାପଡ଼ା ଗାଁର ସୁରେଶ ବାରିକ(୨୭), ଜଗତ୍‌ସିଂହପୁର ଥାନା ଗଉଡୁଣୀ ପଡ଼ିଆ ଅଞ୍ଚଳର ଅଶୋକ ବେହେରା(୨୮), କାଂଶ କ୍ଷୀରବାଟି ଗାଁର ସେକ୍ ଟିକି ଓ ତିର୍ତ୍ତୋଲ ଥାନା ଗୋପାଳପୁର ଗାଁର ପୂଜନ ଦାସ (୨୭)। ସେମାନଙ୍କଠାରୁ ୨୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏ ନେଇ ବାଲିକୁଦା ଥାନାରେ ମାମଲା (ନଂ.୨୯୦/୨୧) ରୁଜୁ ହୋଇଛି। ବ୍ରାଉନ୍‌ସୁଗାର ବିକ୍ରି ନିମନ୍ତେ ଅଭିଯୁକ୍ତମାନେ ୨ ଭାଗରେ ବିଭକ୍ତ ହୋଇ ଗ୍ରାହକଙ୍କୁ ଚଷାପଡ଼ା ଗାଁ ଛକ ଓ ଡେଙ୍ଗାପୋଲ-ଗଉଡୁଣୀ ପଡ଼ିଆ ମୁଖ୍ୟ ରାସ୍ତାର ୧୩ ନଂ. ମୁଖ୍ୟ କେନାଲ ବନ୍ଧ ନିକଟରେ ସୋମବାର ଅପେକ୍ଷା କରିଥିଲେ। ବାଲିକୁଦା ଥାନା ଅଧିକାରୀ ଦିଲୀପ ସାହୁ କୌଣସି ସୂତ୍ରରୁ ସୂଚନା ପାଇ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ। ସୁରେଶ, ପୂଜନଙ୍କୁ ଚଷାପଡ଼ା ଗାଁ ଛକରୁ ଏବଂ ଟିକି, ଅଶୋକଙ୍କୁ କେନାଲ ବନ୍ଧ ପାଖରୁ ଗିରଫ କରାଯାଇଥିଲା।

## ଡ୍ରାଇଭିଂ ଟେଷ୍ଟିଂ ସେଣ୍ଟରରେ ବ୍ୟାପକ ଅବ୍ୟବସ୍ଥା



ଡ୍ରାଇଭିଂ ଟେଷ୍ଟିଂ ସେଣ୍ଟରରେ ଚାଳକମାନେ ଧାଡ଼ିବାନ୍ଧି ଛିଡ଼ା ହୋଇଛନ୍ତି।

ଚଣ୍ଡିଖୋଲ,୧୦।୮(ଡି.ଏନ.ଏ)

ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅଧୀନରେ ଦୁଇ ମୋଟର ଭେଇକିଲ ଇନ୍ସପେକ୍ଟର ରହିଛନ୍ତି। ତେବେ କୋଭିଡ୍ କଟକଣା ଉଠିବା ପରେ ଏବେ ବିଭାଗ ତରଫରୁ ମହାବିନାୟକ ମନ୍ଦିର ପାଦଦେଶରେ ହୋଇଥିବା ଡ୍ରାଇଭିଂ ଟେଷ୍ଟିଂ ସେଣ୍ଟରରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଏଠାକୁ ମୋଟରଯାନ ପରୀକ୍ଷା ଦେବାକୁ ଆସୁଥିବା ଚାଳକ ଲମ୍ବାଧାଡ଼ିରେ ବହୁ ସମୟ ଛିଡ଼ା ହେବାକୁ ପଡୁଛି। ଏପରି କି ବିଶ୍ରାମାଗାରର ଅଭାବଯୋଗୁ ଖରା ଓ ବର୍ଷାରେ ଚାଳକଙ୍କୁ ରହିବାକୁ ପଡୁଛି। ସେହିପରି ଗାଡି ଫିଟ୍‌ନେସ ପାଇଁ ମଧ୍ୟ ଅନେକ ଆସୁଛନ୍ତି। ଦୁଇଚକିଆଠାରୁ ଆରମ୍ଭ କରି ଅଠର ଚକିଆ ପର୍ଯ୍ୟନ୍ତ ବିଭିନ୍ନ ଯାନର ଯାଞ୍ଚ ପ୍ରକ୍ରିୟା ଏଠାରେ କରାଯାଇଥାଏ। ୫ ଏକର ପରିମିତ ସ୍ଥାନରେ ଏହା ନିର୍ମାଣ କରାଯାଇଥିବା ବେଳେ ଦୁଇଜଣ ଏମ୍‌ଭିଆଇ ବସିବା ପାଇଁ କୌଣସି ସ୍ୱତନ୍ତ୍ର କାର୍ଯ୍ୟାଳୟ ନାହିଁ। ବାହାରେ ବସି ଏମ୍‌ଭିଆଇମାନେ କାର୍ଯ୍ୟ କରୁଥିବା ବେଳେ ପରୀକ୍ଷା ଦେବାକୁ ଆସୁଥିବା ଚାଳକମାନେ ଲମ୍ବା ଧାଡ଼ିରେ ଛିଡ଼ାହୋଇ ରହୁଛନ୍ତି। ଟ୍ରାକ୍ ନିର୍ମାଣ ହୋଇଥିବା ସ୍ଥାନରେ ବିଶ୍ରାମାଗାର ନ ଥିବାରୁ ଏଠାକୁ ପରୀକ୍ଷା ଦେବାକୁ ଆସୁଥିବା ଚାଳକମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପାନୀୟଜଳ ବ୍ୟବସ୍ଥା ନ ଥିବାରୁ ମହାବିନାୟକ ପୀଠକୁ ପାଣି ପିଇବା ପାଇଁ ଯିବାକୁ ପଡୁଛି। ସରକାର କୋଭିଡ ନିୟମ ଅନୁଯାୟୀ ୬ଗଜ ଦୂରତ୍ୱ ରକ୍ଷା କରି ଛିଡ଼ା ହେବାର ନିୟମ ଥିବାବେଳେ ସ୍ଥାନ ଅଭାବରୁ ନିୟମ ଉଲ୍ଲଂଘନ ହେଉଛି। ନିର୍ମାଣ ହୋଇଥିବା ଗୃହ ଫାଟ ସୃଷ୍ଟି ହୋଇଥିବା ବେଳେ ବର୍ଷାଦିନେ ପାଣି ଗଳୁଥିବା ଦେଖାଯାଇଛି। ଏ ସମ୍ପର୍କରେ ଏମ୍‌ଭିଆଇ ଚନ୍ଦ୍ରା ବିଶ୍ୱାସଙ୍କୁ ପଚାରିବାରେ ସେ ଅବ୍ୟବସ୍ଥାକୁ ସ୍ୱୀକାର କରିବା ସହ ଚାଳକଙ୍କ ପାଇଁ ବିଶ୍ରାମସ୍ଥଳୀ ନିର୍ମାଣର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଛନ୍ତି।

## ପିଇଓଙ୍କୁ ଧମକ ଦେଇଥିବା ଅଭିଯୁକ୍ତ ଗିରଫ

କଳିଙ୍ଗନଗର,୧୦।୮(ଡି.ଏନ.ଏ.)

ଦାନଗଦୀ ବ୍ଲକ ଅଧୀନ ଚାନ୍ଦିଆ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ରଜନୀକାନ୍ତ ସେଠୀଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ବ୍ଲକ ଅଧୀନ ଗୋଲାଗାଁର ମାଧବାନନ୍ଦ ବେହେରା ଓରଫ୍ ମାଧ। ଜୁଲାଇ ୭ ଏବଂ ୨୮ତାରିଖରେ ମାଧ ପିଇଓଙ୍କୁ ଏକ ପୁରୁଣା ଟ୍ୟୁବ୍‌ୱେଲ୍ ବିଲ୍ କରିବା ପାଇଁ ଧମକ ଦେଇଥିଲେ। ଏଥିସହିତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବାଉଁଶ ବାଡ଼ି ଧରି ହତ୍ୟା କରିବାକୁ ଗୋଡ଼ାଇଥିଲେ। ଏସମ୍ପର୍କରେ କଳିଙ୍ଗନଗର ଥାନାରେ ବିଡିଓ ମଣିପ୍ରସାଦ ମିଶ୍ର ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ.୧୯୦/୨୧ ରୁଜୁ କରିଥିଲା। ହେଲେ ମାଧଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବ କରୁଥିଲା। ଶେଷରେ ମାଧଙ୍କୁ ଗିରଫ ଦାବିରେ ସୋମବାର ବ୍ଲକ୍‌ର ସମସ୍ତ ପିଇଓ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଏହି ଆନ୍ଦୋଳନ ମଙ୍ଗଳବାର ୨ୟ ଦିନରେ ପହଞ୍ଚିଥିଲା। ମାଧ ଗିରଫ ହେବାପରେ ପିଇଓଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

## ଏକାଧିକ ପଞ୍ଚାୟତ ଦାୟିତ୍ୱରେ ଥିଲେ ଯନ୍ତ୍ରୀ, ପିଇଓ

ବିଞ୍ଝାରପୁର,୧୦।୮(ଡି.ଏନ.ଏ.)

**ଦୁର୍ନୀତି ଅଭିଯୋଗରେ କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆର୍‌ଏସ୍ ନିଲମ୍ବିତ ଘଟଣା**

ବିଞ୍ଝାରପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କୋଟିକୋଟି ଟଙ୍କାର ଦୁର୍ନୀତି ହୋଇଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ମାତ୍ର ପ୍ରଶାସନ କିନ୍ତୁ ଏହାକୁ ମାନିବାକୁ ନାରାଜ। ଭାତହାଣ୍ଡିରୁ ଗୋଟିଏ ଭାତ ଚିପିଲାଭଳି ବ୍ଲକର ୨୯ ପଞ୍ଚାୟତ ମଧ୍ୟରୁ କେବଳ ଜରି ପଞ୍ଚାୟତର ଦୁର୍ନୀତି ଧରାପଡ଼ିଛି। ଦୁର୍ନୀତିରେ ଲିପ୍ତ କନିଷ୍ଠ ଯନ୍ତ୍ରୀ ତୁଷାର ପାତ୍ର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କୁମାର ଜେନା ଓ ଜିଆର୍‌ଏସ୍ ପାର୍ଥସାରଥି ଆଟୋଇଙ୍କୁ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ତେବେ ନିଲମ୍ବିତ କନିଷ୍ଠ ଯନ୍ତ୍ରୀ ପାତ୍ର ଜରି ପଞ୍ଚାୟତ ସମେତ ବାଙ୍ଗରା, ହଳଦିଡ଼ିହ, ରଣପୁର ଓ ଚନ୍ଦ୍ରମୁଁ ପଞ୍ଚାୟତ ଦାୟିତ୍ୱରେ ଥିଲେ। ସେହିପରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜେନା ଜରି ସମେତ ବାଙ୍ଗରା ପଞ୍ଚାୟତ ଦାୟିତ୍ୱରେ ଥିଲେ। ଜରି ପଞ୍ଚାୟତରେ କାର୍ଯ୍ୟରତ ଅଧିକାରୀ ଦ୍ୱୟ ଯଦି ଏତେ ପରିମାଣର ଦୁର୍ନୀତି କରିଥିବା ତଦନ୍ତରୁ ଧରାପଡ଼ିଛି, ତେବେ ଅନ୍ୟ ପଞ୍ଚାୟତ ଦାୟିତ୍ୱରେ ଥିବାବେଳେ କେତେ ଦୁର୍ନୀତି କରିଥିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେଣୁ ଅଧିକାରୀ ଦ୍ୱୟ ଦାୟିତ୍ୱରେ ଥିବା ସମସ୍ତ ପଞ୍ଚାୟତର ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟଗୁଡ଼ିକର ତଦନ୍ତ କରିବାକୁ ଦାବି ହୋଇଛି। ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଉନ୍ମୋଚନ ହେବ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ତେଣୁ ଜିଲାପାଳ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ପ୍ରଶାସନିକ ପ୍ରତିକ୍ରିୟା ମିଳି ପାରିନାହିଁ।

## ୧୫୫୩ ଗ୍ରାମ ରୁପା ଅଳଙ୍କାର ଜବତ, ଜଣେ ଗିରଫ

ରସୁଲପୁର,୧୦।୮(ଡି.ଏନ୍.ଏ.)

କୁଆଖିଆ ଥାନା ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତ ଦାମୋଦରପୁର ଗ୍ରାମରୁ ସୋମବାର ଅପରାହ୍ନରେ ଜଣେ ବ୍ୟବସାୟୀଙ୍କଠାରୁ ଲୁଟ୍ ହୋଇଥିବା ୧୫୫୩ ଗ୍ରାମ୍ ରୁପା ଅଳଙ୍କାରକୁ ପୋଲିସ ଜବତ କରିଛି। ଏଥିସହିତ ଲୁଟ୍ କରିଥିବା ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଦାମୋଦରପୁର ଗ୍ରାମର ଆନନ୍ଦ ଦାସ।

ପୋଲିସ ସୂଚନା ମୁତାବକ, ରସୁଲପୁର ବ୍ଲକ ଅଧୀନ ବାରବାଟୀ ଗ୍ରାମର ବ୍ୟବସାୟୀ ସୁବାସ ଚନ୍ଦ୍ର ସାହୁ ଗାଁଗାଁ ବୁଲି ରୁପା ଅଳଙ୍କାର ବିକ୍ରି କରନ୍ତି। ସୋମବାର ସେ ସ୍କୁଟିରେ ଅଳଙ୍କାର ନେଇ ଦାମୋଦରପୁର ଗାଁକୁ ଯାଇଥିଲେ। ସେ ସ୍କୁଟି ଉପରେ ବ୍ୟାଗ୍ ରଖି ବିଭିନ୍ନ ଘର ବୁଲି ଅଣଆଦାୟ ଟଙ୍କା ସଂଗ୍ରହ କରୁଥିଲେ। ଏହି ସୁଯୋଗରେ ଆନନ୍ଦ ସୁବାସଙ୍କ ବ୍ୟାଗ୍‌ରେ ଥିବା ରୁପା ପାଉଁଜି ଭର୍ତ୍ତି ପୁଟୁଳାକୁ ନେଇ ପଳାଇଥିଲେ। ସୁବାସ ଖୋଜିଖୋଜି ନିରାଶ ହେବାପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ନଂ.୨୬୬/୨୧ ରୁଜୁ କରି ତଦନ୍ତ ଚଳାଇଥିଲା।



ଗିରଫ ଅଭିଯୁକ୍ତ ଓ ଜବତ ରୁପା ଅଳଙ୍କାର।

## ୟୁରିଆ ସାର ବଣ୍ଟନରେ ଅନିୟମିତତା

- ଯାଜପୁର ସାର ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ଚର୍ଚ୍ଚା
- ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି

ରସୁଲପୁର,୧୦।୮(ଡି.ଏନ.ଏ.)



ଏକ ଗୋଦାମରେ ମହଜୁଦ ଥିବା ସାର।

ଯାଜପୁର ଜିଲାରେ ୟୁରିଆ ସାର ସୁଷମ ବଣ୍ଟନରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଧର୍ମଶାଳା କୃଷି ନିର୍ଦ୍ଦେଶାଳୟ ଅଧୀନ ରସୁଲପୁର, ଧର୍ମଶାଳା, ବରୀ ଓ ବଡ଼ଚଣା ଆଦି ବ୍ଲକର ଚାଷୀ ଏବଂ ସାର ବ୍ୟବସାୟୀଙ୍କଠାରୁ ଏଭଳି ଅଭିଯୋଗ ଆସୁଛି। ଏପର୍ଯ୍ୟନ୍ତ ଜିଲାକୁ ବିଭିନ୍ନ କମ୍ପାନୀ ପକ୍ଷରୁ ଦିଆଯାଇଥିବା ୟୁରିଆ ସାର ସିଂହଭାଗ କୋରେଇ ବ୍ଲକ ଅଧୀନ କେତେକ ନିର୍ଦ୍ଦିଷ୍ଟ ହୋଲ୍‌ସେଲରଙ୍କୁ ପ୍ରଦାନ କରାଯାଇଛି। ଜିଲାର ୧୦ଟି ବ୍ଲକ ପାଇଁ ଆସିଥିବା ସାରକୁ ୩/୪ଟି ହୋଲସେଲରଙ୍କ ହାତକୁ ଟେକି ଦିଆଯାଇଛି। ଏଦିଗରେ କମ୍ପାନୀ ପକ୍ଷରୁ ମନମୁଖି କାର୍ଯ୍ୟ କରାଯାଉଛି। ଏହାକୁ ଜିଲା ପ୍ରଶାସନ ରୋକିବାରେ ବିଫଳ ହୋଇଛି। ପର୍ଯ୍ୟାପ୍ତ ସାର ହାତେଇ ଥିବା ହୋଲ୍‌ସେଲର ୟୁରିଆ ସାରକୁ ବାହାର ଜିଲା ଓ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ଚାଲାଣ କରୁଥିବା ସନ୍ଦେହ କରାଯାଉଛି। ଏଭଳି ସ୍ଥିତିରେ ରସୁଲପୁର ଓ ବରୀ ଆଦି କୃଷି ପ୍ରଧାନ ବ୍ଲକରେ ୟୁରିଆ ସାର ଅଭାବ ପରିଲକ୍ଷିତ ହେଉଛି।

ଏପ୍ରିଲରୁ ଅକ୍ଟୋବରକୁ ଖରିଫ ଋତୁ କୁହାଯାଉଛି। ଏହି ଋତୁରେ ଧାନ ହେଉଛି ପ୍ରମୁଖ ଲାଭକରୀ ଫସଲ। ତେଣୁ ଧାନ ଚାଷୀଙ୍କୁ ସରକାର ରିହାତି ଦରରେ ୟୁରିଆ ସାର ଯୋଗାଇ ଦେଉଛନ୍ତି। ବିଭିନ୍ନ କମ୍ପାନୀ ସାର ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ସହ ଚୁକ୍ତି କରିଛନ୍ତି। ଉକ୍ତ ସାରର ସୁଷମ ବଣ୍ଟନ ଦାୟିତ୍ୱ ଜିଲାପାଳ ଓ ଜିଲା କୃଷି ଅଧିକାରୀଙ୍କ ଉପରେ ନ୍ୟସ୍ତ କରାଯାଇଛି। ତେବେ ପ୍ରଶାସନିକ ଅଧିକାରୀଙ୍କ ଢିଲାପଣ ଯୋଗୁ କମ୍ପାନୀଗୁଡିକ ସାର ବଣ୍ଟନରେ ମନମୁଖି କାର୍ଯ୍ୟ କରୁଛନ୍ତି। ଜିଲାକୁ ଆସୁଥିବା ସାର ମହଜୁଦ ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଉ ନାହିଁ। ଏସବୁକୁ ୩/୪ଟି ନାମୀଦାମୀ ହୋଲ୍‌ସେଲରଙ୍କ ମଧ୍ୟରେ ବାଣ୍ଟି ଦିଆଯାଉଛି। ଏଭଳି ଘଟଣା ଏପ୍ରିଲରୁ ଘଟି ଆସୁଥିଲେ ବି ଜିଲା ପ୍ରଶାସନ ପକ୍ଷରୁ ଏହାକୁ ଠିକ୍ ଭାବେ ଯାଞ୍ଚ କରାଯାଉ ନାହିଁ।

ଚଳିତ ଖରିଫ ଚାଷ ପାଇଁ ଜିଲାକୁ ୧୪,୭୦୦ ମେଟ୍ରିକ ଟନ୍ ୟୁରିଆ ସାର ଆବଶ୍ୟକତା ରହିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ସେହି ହାରରେ ରସୁଲପୁର ବ୍ଲକ ପାଇଁ ଆନୁମାନିକ ୧୦୦୦ ମେଟ୍ରିକ ଟନ୍‌ରୁ ଊର୍ଦ୍ଧ୍ୱ ୟୁରିଆର ଆବଶ୍ୟକତା ରହିଛି। ଏହାରି ଭିତରେ ଜିଲାକୁ ନାଗାର୍ଜୁନ ସାର କମ୍ପାନୀ ୧୪୦୭.୫୯୫ ମେଟ୍ରିକ ଟନ୍, କରମଣ୍ଡଳ ସାର କମ୍ପାନୀ ୬୫୧.୬୯୦, ଇଣ୍ଡିଆ ଫସଫେଟ ଲିମିଟେଡ୍ କମ୍ପାନୀ ୨୭୪.୨୩୦, ଇଫ୍‌କୋ କମ୍ପାନୀ ୫୧୦.୩୦୦କୁ ମିଶାଇ ମୋଟ୍ ଜିଲାକୁ ୨୮୪୩.୮୧୫ ମେଟ୍ରିକ ଟନ୍ ସାର ଆସିଛି। ଏବେ ସୁଧା ରସୁଲପୁର ବ୍ଲକକୁ ମାତ୍ର ୧୮୮.୫୫୦ ମେଟ୍ରିକ ଟନ୍ ୟୁରିଆ ମିଳିଥିବା ବେଳେ କୋରେଇ ବ୍ଲକକୁ ୨୦୮୯.୬୧୫ମେଟ୍ରିକ ଟନ୍ ୟୁରିଆ ପ୍ରଦାନ କରାଯାଇଛି। ତାହା ପୁଣି ନିର୍ଦ୍ଦିଷ୍ଟ କେତୋଟି ହୋଲସେଲର ମଧ୍ୟରେ ସୀମିତ ରହିଛି।

ସାର ବିକ୍ରି ସମୟରେ ରିଟେଲରମାନେ ପଏଣ୍ଟ ଅଫ୍ ସେଲ୍(ପିଓଏସ୍)ମେଶିନ ବ୍ୟବହାର କରିବା ନିୟମକୁ ପାଳନ କରୁନାହାନ୍ତି। ବିନା ମେଶିନରେ ସାର ବିକ୍ରି ହେଉଥିବାରୁ ଜିଲାରେ ୟୁରିଆ ମହଜୁଦ୍ ସ୍ଥିତି ଭିନ୍ନ ରହୁଛି। ବାସ୍ତବରେ ୟୁରିଆ ନ ଥାଇ ବି ଅନଲାଇନରେ ୟୁରିଆ ଗଚ୍ଛିତ ଥିବା ଦର୍ଶାଯାଉଛି। ଏଥିଯୋଗୁ ରାଜ୍ୟରୁ ଆବଶ୍ୟକତା ମୁତାବକ ସାର ଜିଲାକୁ ଯୋଗାଇ ଦିଆଯାଉ ନାହିଁ ବୋଲି ଜିଲା କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ମିଳିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ଅଜୟ କୁମାର ସେନାପତି କହିଛନ୍ତି, ହୋଲ୍‌ସେଲର ଓ ସାର କମ୍ପାନୀର ଅଧିକାରୀଙ୍କୁ ନେଇ ଜିଲାରେ ରିଭ୍ୟୁ ମିଟିଂ କରାଯାଉଛି। କେତେ ସାର ଆସିଲା ଓ ସେ ସବୁକୁ କେମିତି ବଣ୍ଟନ କରାଯିବ ସେ ଦିଗରେ ବିଭାଗକୁ ଅବଗତ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ କେଉଁଠି ତ୍ରୁଟିବିଚ୍ୟୁତି ହୋଇଛି ସେ ସମ୍ପର୍କରେ ଅନୁଧ୍ୟାନ କରାଯିବ।

## ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ଖବରଦାତା ସମ୍ମିଳନୀ

ଭଞ୍ଜନଗର,(ଡି.ଏନ.ଏ): ତାରସିଂ ଥାନା ଅଞ୍ଚଳରେ ଲୋକଙ୍କୁ ନ୍ୟାୟ ମିଳୁନାହିଁ । ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ପରିସରରେ ହୋଇଥିବା କଲଭର୍ଡ଼ ଆରୁଖ କୃଷକ ବଜାର ନାମକରଣକୁ ନେଇ କୌଣସି ଆପତ୍ତି ନାହିଁ। କିନ୍ତୁ ସେଠାରେ ହୋଇଥିବା ଦୋକାନ ଗୃହଗୁଡ଼ିକ ନିୟମ ଅନୁସାରେ ବଣ୍ଟାଯାଉନାହିଁ। ଆଗକୁ ଏ ନେଇ ଆଇନର ଆଶ୍ରୟ ନିଆଯିବ। ଏଥିସହ ଏନଏସି ପକ୍ଷରୁ ବଣ୍ଟାଯାଇଥିବା ଦୋକାନ ଗୃହଗୁଡ଼ିକ ମଧ୍ୟ ନିୟମ ଅନୁସାରେ ଦିଆଯାଇନାହିଁ। ଅଞ୍ଚଳବାସୀଙ୍କ ପାଇଁ ଲଢ଼େଇ ଜାରି ରହିବ ବୋଲି ପୂର୍ବତନ ଭଞ୍ଜନଗର ବ୍ଲକ ଅଧ୍ୟକ୍ଷ ବି.ଦଣ୍ଡପାଣି ପାତ୍ର ତାଙ୍କ ଗ୍ରାମ ବଡ଼କୋଡାଣ୍ଡାରେ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅପରପକ୍ଷେ ପ୍ରକୃତ ହିତାଧିକାରୀଙ୍କୁ ଦୋକାନ ଗୃହ ବଣ୍ଟନ କରାଯାଇଛି ବୋଲି ପ୍ରଶାସନ କହିଛି।

**ସଂକ୍ଷେପରେ**

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: ରସାୟନ ବିଜ୍ଞାନ ଛାତ୍ରୀଙ୍କ ସଫଳତା



ବ୍ରହ୍ମପୁର ଅଫିସ,୧୦।୮: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ଛାତ୍ରୀ ପ୍ରଗତି ରାଉତ ସ୍ନାତକୋତ୍ତର ପରେ ବିଭିନ୍ନ ଔଷଧୀୟ ପ୍ରକଳ୍ପ ଉପରେ ଗବେଷଣା ଜାରି ରଖିଥିଲେ। ପୂର୍ବରୁ ୟୁରୋପୀୟ ଜର୍ନାଲରେ ତାଙ୍କର କ୍ୟାନସର ପ୍ରତିରୋଧକ ମେଡ଼ିସିନ ସମ୍ବନ୍ଧୀୟ ଗବେଷଣା ଶୀର୍ଷକ ଭିତ୍ତି ପ୍ରବନ୍ଧ ପ୍ରକାଶ ପାଇସାଇଛି। ପ୍ରଗତି କାଲିଫର୍ନିଆ ଓ କନେକ୍ଟିକଟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପିଏଚଡ଼ି କରିବା ନିମନ୍ତେ ୨୦୨୦ ଫେବୃୟାରୀରେ ମନୋନୀତ ହୋଇଥିଲେ। ତେବେ ଗତ ବର୍ଷ ଚୁକ୍ତି ପତ୍ର ପାଇ ସାରିଥିଲେ ମଧ କରୋନା କଟକଣା ଯୋଗୁ ଯାଇପାରି ନ ଥିଲେ। କିନ୍ତୁ ସେ ଆମେରିକାସ୍ଥିତ କନେକ୍ଟିକଟ ବିଶ୍ୱବିଦ୍ୟାଳୟକୁ ଗବେଷଣା ନିମନ୍ତେ ଚୟନ କରିଥିଲେ। ଆସନ୍ତା ୧୧ ତାରିଖରେ ନିଜ ଗବେଷଣା ନିମନ୍ତେ ଆମେରିକା ଅଭିମୁଖେ ଯାତ୍ରା କରିବେ ବୋଲି ଜଣାପଡିଛି। ପ୍ରଗତି ନିଜର ସଫଳତା ନିମନ୍ତେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ଼. ଲକ୍ଷ୍ମୀଧର ରାଉତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ବନ୍ଦ ଘରୁ ବୃଦ୍ଧଙ୍କ ମୃତଦେହ ଜବତ

ବୁଗୁଡ଼ା,୧୦।୮(ଡି.ଏନ.ଏ.): ବୁଗୁଡ଼ା ଥାନା ନଗୁଡୁ ଗ୍ରାମ ମଝି ସାହିରୁ ମଙ୍ଗଳବାର ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ସେ ହେଲେ ନଗୁଡୁ ଗ୍ରାମର ଭାଗବତ ବେହେରା (୭୫)। ଏ ନେଇ ନଂ. ୧୨/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ପାରିବାରିକ ଅଶାନ୍ତି କାରଣରୁ ଭାଗବତ ତାଙ୍କ ପୁଅଙ୍କଠାରୁ ଅଲଗା ରହୁଥିଲେ। ସୋମବାର ରାତି ପ୍ରାୟ ୯ଟାରେ ବୃଦ୍ଧଙ୍କ କୌଣସି କାରଣ ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ତହସିଲଦାର ସଂଗ୍ରାମ କେଶରୀ ଜେନା, ବୁଗୁଡ଼ା ଆଇଆଇସି ଚିତରଞ୍ଜନ ବେହେରା ଘଟଣାସ୍ଥଳ ପହଞ୍ଚିଥିଲେ। ତହସିଲଦାରଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରାଯାଇଛି।

### ଛାତ୍ର ବିଜେଡିର ସାଙ୍ଗଠନିକ କାର୍ଯ୍ୟକ୍ରମ

ଗୋପାଳପୁର,୧୦।୮(ଡି.ଏନ.ଏ.): ରଙ୍ଗେଇଲୁଣ୍ଡା ବ୍ଲକ ଚନ୍ଦ୍ରଚୁଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣରେ ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ଗୋପାଳପୁର ନିର୍ବାଚନ ମଣ୍ଡଳୀର ସାଙ୍ଗଠନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଛାତ୍ର ପର୍ଯ୍ୟବେକ୍ଷକ ଅରୁପ ଶ୍ରୀଚନ୍ଦନ, ଜିଲା ଛାତ୍ର ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ବ୍ଲକ ଚେୟାରମ୍ୟାନ ସିଏଚ୍ ଉଷାରାଣୀ, ଉପାଧ୍ୟକ୍ଷ ଅଜିତ କୁମାର ଦାଶ, ଉପସଭାପତି ସିଏଚ୍ ଡିଲେଶ୍ୱର ଓ ଅନ୍ୟମାନେ ମଞ୍ଚାସୀନ ଥିଲେ। ଡିଜିଟାଲ ମାଧମରେ ଲୋକଙ୍କ ନିକଟରେ ସମସ୍ତ କଲ୍ୟାଣମୂଳକ ଯୋଜନା ପହଞ୍ଚାଇବା ସହ ୱାର୍ଡ, ପଞ୍ଚାୟତ ଓ ବ୍ଲକର ତୃଣମୂଳ ସ୍ତରରେ ମଜଭୁତ କରିବାକୁ ଜିଲା ସଭାପତି ପଣ୍ଡା ଆହ୍ୱାନ ଦେଇଥିଲେ। ଜିଲା ପରିଷଦ ସଭ୍ୟ ଶଶିଭୂଷଣ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ପରିଷଦ ସଭ୍ୟ ମଞ୍ଜୁଶ୍ରୀ ଦଳେଇ, ସରପଞ୍ଚ ରାଜେଶ୍ୱର ଦୋରା, ପି. କମଳା ରେଡ୍ଡୀ, ବ୍ଲକ ଛାତ୍ର ବିଜେଡି ସଭାପତି ମିଲେନ୍ଦ୍ର ପ୍ରଧାନ, ସଂଗ୍ରାମ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଜିଲାପାଳଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’

- ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତାଙ୍କ ବୈଠକ
- ଯୋଗଦେଲେ ୪ ଜିଲାର ଶିଳ୍ପାନୁଷ୍ଠାନ ପ୍ରତିନିଧି
- ଗଞ୍ଜାମ, ଗଜପତି, କନ୍ଧମାଳରେ ହେବ ଏମ୍‌ଏସ୍‌ଏମ୍‌ଇ ପାର୍କ



ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସୀତ ତ୍ରିପାଠୀ ସୂଚନା ଦେଉଛନ୍ତି।

ଛତ୍ରପୁର,୧୦।୮(ଡି.ଏନ୍.ଏ.)

ଶିଳ୍ପ ଯତ୍ନ ପ୍ଲାଟଫର୍ମ ପରିପ୍ରେକ୍ଷୀରେ ଗଞ୍ଜାମ ଜିଲା ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ ଗୃହରେ ମଙ୍ଗଳବାର ଗଞ୍ଜାମ, ଗଜପତି, ନୟାଗଡ ଓ କନ୍ଧମାଳ ଜିଲାର ଶିଳ୍ପ ସମସ୍ୟା ଓ ସମାଧାନ ନେଇ ଆଲୋଚନା ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ ଅସୀତ ତ୍ରିପାଠୀ ଏହି ବୈଠକ କରିଛନ୍ତି। ଉକ୍ତ ୪ ଜିଲାରେ ଥିବା ବୃହତ ଶିଳ୍ପାନୁଷ୍ଠାନର ଅଧିକାରୀ ଓ ସରକାରୀ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇ ଶିଳ୍ପ ମାନଙ୍କରେ ଥିବା ସମସ୍ୟାର ସମାଧାନ ସ୍ୱତ୍‌ରେ କରାଯାଇଥିବା ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତ୍ରିପାଠୀ କହିଛନ୍ତି। ଯେଉଁସବୁ ସମସ୍ୟାର ସମାଧାନ ହୋଇନି ତାହାର ସମାଧାନ ପାଇଁ ଟାଇମଲାଇନ୍ ଦିଆଯାଇଛି । ଏହା ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀ ଉତ୍ତରଦାୟୀ ରହିବେ ବୋଲି ସେ କହିଛନ୍ତି। ଗଞ୍ଜାମରେ ଥିବା ଗ୍ରାସୀମ, ଟାଟା ଏସଇଜେଡ୍, ଗୋପାଳପୁର ପୋର୍ଟ ଏବଂ ଅନ୍ୟ ୩ ଜିଲାର ବିଭିନ୍ନ ଶିଳ୍ପାନୁଷ୍ଠାନର ସମସ୍ୟା ଆଲୋଚନା ହୋଇଥିଲା । ଶିଳ୍ପାୟନ କ୍ଷେତ୍ରରେ ସମସ୍ତଙ୍କର ଆଚରଣରେ ପରିବର୍ତ୍ତନ ଆବଶ୍ୟକ । ଶିଳ୍ପକ୍ଷେତ୍ରକୁ ପ୍ରତ୍ୟକ୍ଷ ଭାବେ ଯାଇ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ରହିଥିବା ସେ ସୂଚନା ଦେଇଥିଲେ। ଜିଲାପାଳମାନଙ୍କୁ ଶିଳ୍ପାୟାନର ପୁରୋଧା ଭାବେ ଦାୟିତ୍ୱ ଦିଆଯାଇଛି । ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଥିରେ ସହଯୋଗ କରିବା ପାଇଁ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ସମସ୍ତ ଜିଲାର ଜିଲାପାଳଙ୍କ ଅଫିସକୁ ୩ ଜଣ ଲେଖାଏ ସ୍ପେଶାଲିଷ୍ଟ ଆସିବେ ବୋଲି ସେ କହିଛନ୍ତି। ଗଞ୍ଜାମରେ ଉପରୋକ୍ତ ଶିଳ୍ପାନୁଷ୍ଠାନ ସହ ଫୁଲ, ଫଳ, ମାଛ, ଚିଙ୍ଗୁଡି, ଛତୁ ଚାଷ, ଗଜପତି ଓ କନ୍ଧମାଳରେ ପର୍ଯ୍ୟଟନ ଶିଳ୍ପ ଏବଂ ନୟାଗଡରେ ମଧ ବହୁ ଶିଳ୍ପ ପ୍ରତିଷ୍ଠାର ସୁବିଧା ରହିଥିବା ତ୍ରିପାଠୀ କହିଥିଲେ । ଗଞ୍ଜାମ, ଗଜପତି, କନ୍ଧମାଳରେ ଏମଏସଏମଇ ପାର୍କ ହେବ ବୋଲି ବୈଠକରେ ଆଲୋଚନା ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧରେ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ଇପିକଲ୍‌ର ଏମଡି ବି. ଏସ ପୁନିଆ, ଏମ୍‌ଏସଏମ୍‌ଇର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, ଶିଳ୍ପ ବିଭାଗର ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକି ଆଲାମ, ଦକ୍ଷିଣାଞ୍ଚଳ ଆରଡିସି ଟି. ଆପାଙ୍ଗ ଆଓ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ଡିଆରଡିଏ ପିଡି ସିନ୍ଧେ ଦତାତ୍ରୟ ଭାଉସାହେବ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ସ୍ଥାନରେ ଶିଳ୍ପ ପ୍ରତିଷ୍ଠାନ ସ୍ଥାପନ ନେଇ ଯେଭଳି କୌଣସି ସମସ୍ୟା ରହିବନି ସେ ନେଇ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ଭୁବନେଶ୍ୱରରେ ସମୀକ୍ଷା ନ କରି ବିଭିନ୍ନ ଜିଲାରେ ସମୀକ୍ଷା ହେଉଛି। ରାଜ୍ୟ ସରକାରଙ୍କ ଟିମ୍ ଜିଲାଗୁଡ଼ିକୁ ଯାଇ ୩ କିମ୍ବା ୪ଟି ଜିଲାର ଅଧିକାରୀ, ଶିଳ୍ପ ଅନୁଷ୍ଠାନ ପ୍ରତିନିଧିମାନଙ୍କ ସହ ଆଲୋଚନା କରି ସେହିଠାରେ ସମସ୍ୟା ସମାଧାନ କରୁଛନ୍ତି। ଏଥିସହ ଉକ୍ତ ଟିମ୍ କ୍ଷେତ୍ର ପରିଦର୍ଶନ କରିବା ସହ ଆବଶ୍ୟକ ପରାମର୍ଶ ଦେଉଛନ୍ତି। ବୁଧବାର ଉକ୍ତ ଟିମ୍ ଗୋପାଳପୁର ପୋର୍ଟ ଓ ଟାଟା ଏସଇଜେଡ୍ ପରିଦର୍ଶନ କରିବା ସହ ଏମଏସଏମଇ ଅଧିକାରୀଙ୍କ ସହ ମଧ ଆଲୋଚନା କରିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତ୍ରିପାଠୀ ସୂଚନା ଦେଇଛନ୍ତି।

## ଉଠାଦୋକାନୀଙ୍କୁ ଥଇଥାନ ଦାବି



ଉଠା ଦୋକାନୀଙ୍କ ପକ୍ଷରୁ ଦାବି ପତ୍ର ପ୍ରଦାନ ।

ବ୍ରହ୍ମପୁର ଅଫିସ୍,୧୦।୮

ବ୍ରହ୍ମପୁର ସହର ସିଟି ହସ୍ପିଟାଲ ଓ ଗେଟ୍ ବଜାର ମୁଖ୍ୟ ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରୁଥିବା ଉଠା ଦୋକାନୀଙ୍କୁ ବିଏମ୍‌ସି ପକ୍ଷରୁ ଉଚ୍ଛେଦ ନେଇ ବହୁ ଉଠା ଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ମଙ୍ଗଳବାର ବହୁ ଉଠା ଦୋକାନୀ ବ୍ୟବସାୟୀ ଥଇଥାନ ଦାବି କରି ବିଏମ୍‌ସି କମିଶନର ଡ.ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉଠା ଦୋକାନୀଙ୍କ କହିବା ମୁତାବକ, ପ୍ରାୟ ୩୦ ବର୍ଷ ଧରି ଏହି ଅଞ୍ଚଳରେ ବ୍ୟବସାୟ କରିଆସୁଛୁ। ନଡ଼ିଆ, କଦଳୀ, ଫଳ ଓ ଚା ଦୋକାନ ଆଦି କରି ନିଜ ଗୁଜୁରାଣ ମେଣ୍ଟାଉଛୁ। କିନ୍ତୁ ୨ ଦିନ ହେଲା ବିଏମ୍‌ସି ପକ୍ଷରୁ ବ୍ୟବସାୟ ନ କରିବାକୁ ଚେତାବନୀ ଦିଆଯାଉଛି। ନଚେତ୍ ଡ୍ରୋଜର୍ ଲଗାଇ ଦୋକାନ ଭାଙ୍ଗି ଦେବା ପାଇଁ କୁହାଯାଉଥିବା ଅଭିଯୋଗ ହୋଇଛି। ବିଏମ୍‌ସିର ଏଭଳି ନିଷ୍ପତ୍ତି ଦ୍ୱାରା ବହୁ ଗରିବ ବ୍ୟବସାୟୀ ନିଜର ଜୀବିକା ହରାଇବେ। ଏଣୁ ବିଏମ୍‌ସି ପକ୍ଷରୁ ଥଇଥାନ କରାଯିବା ପାଇଁ ଉଠା ଦୋକାନୀମାନେ ଦାବି କରିଛନ୍ତି। ଏହି ଦାବି ପତ୍ର ପ୍ରଦାନ ସମୟରେ ଅଜିତ ଚୌଧୁରୀ, ରେଣୁ ରେଡ୍ଡୀ, ପି.ରାଜଲକ୍ଷ୍ମୀ, ପି.ଏରମା ରେଡ୍ଡୀ, ଦୀପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟ ବନ୍ଦ



ଶୋକସଭାରେ ଉପସ୍ଥିତ ସଂଘ କର୍ମକର୍ତ୍ତା ।

ବ୍ରହ୍ମପୁର ଅଫିସ,୧୦।୮

ବ୍ରହ୍ମପୁର ଗଞ୍ଜାମ ଓକିଲ ସଂଘର ସଦସ୍ୟ ତଥା ଆଇନଜୀବୀ ଶରତ ଚନ୍ଦ୍ର ପାଣିଗ୍ରାହୀ(୫୩)ଙ୍କ ବିୟୋଗରେ ମଙ୍ଗଳବାର ଓକିଲ ସଂଘ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶରତଙ୍କର ଗତ ୯ତାରିଖ ଅପରାହ୍ନରେ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ଓକିଲ ସଂଘ ସଭାପତି ଜନାର୍ଦ୍ଦନ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ମୃତ ଆଇନଜୀବୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଇଁ ସମବେଦନା ଜ୍ଞାପନ କରାଯାଇଥିଲା। କରୋନା କାଳ ଭିତରେ ଗଞ୍ଜାମ ଓକିଲ ସଂଘର ଅନେକ ଆଇନଜୀବୀଙ୍କ ମୃତ୍ୟୁ ଘଟିଲାଣି। ଯାହାକି ସବୁଠାରୁ ଦୁଃଖର ବିଷୟ ହେବା ସହ ସଂଘ ବହୁ ଆଇନଜୀବୀଙ୍କୁ ହରାଇଛି ବୋଲି ସମ୍ପାଦକ ପ୍ରଦୀପ ବେହେରା କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବି.ଭାଗୀରଥି ରାଓ, ଯୁଗ୍ମ ସମ୍ପାଦକ ସୁଧୀର କୁମାର ପାତ୍ର, ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି, ପ୍ରଦୀପ ପଣ୍ଡା, ବରୁଣ ଗୌଡ଼, ଅକ୍ଷୟ ପଟ୍ଟନାୟକ, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ମନୋଜ ପଟ୍ଟନାୟକ, ସୀତାଂଶୁ ପଣ୍ଡା, ପୀତବାସ ପଣ୍ଡା, ବୀରେନ ପଟ୍ଟନାୟକ, ଅଶୋକ ଶୁକ୍ଳା, ତ୍ରିପତିସାହୁ, ଜଗନ୍ନାଥ ମିଶ୍ର ଓ ଏସ୍. ଦୁର୍ଗା ରାଓ ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ଦିନକ ପାଇଁ ଓକିଲ ସଂଘ ତରଫରୁ ଜିଲା ଜଜ୍ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତ ଗୁଡିକରେ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା।

## ସ୍କୁଲ ମିଶ୍ରଣ ବିରୋଧରେ ଗ୍ରାମବାସୀଙ୍କ ବିକ୍ଷୋଭ




ବିଇଓଙ୍କ ଅଫିସ୍ ଆଗରେ ବିକ୍ଷୋଭ କରାଯାଉଛି।

ହିଞ୍ଜିଳିକାଟୁ,୧୦।୮(ଡି.ଏନ୍.ଏ)

ହିଞ୍ଜିଳିକାଟୁ ବ୍ଲକ ବଡ଼ଖଣ୍ଡି ଗ୍ରାମରେ ଥିବା ଇନ୍ଦିରା ଆବାସ ପ୍ରାଥମିକ ବିଦ୍ୟାଳୟ ଓ ବଡ଼ଖଣ୍ଡି ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରି ନିକଟସ୍ଥ ହାଇସ୍କୁଲରେ ମିଶ୍ରଣ କରାଯାଇଛି। ଏହାକୁ ବିରୋଧ କରି ବିଦ୍ୟାଳୟ ସୁରକ୍ଷା କମିଟି ଗଞ୍ଜାମ ଜିଲା, ଏଆଇଡିଏସ୍‌ଓ ହିଞ୍ଜିଳିକାଟୁ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଗ୍ରାମବାସୀ ମଙ୍ଗଳବାର ସ୍ଥାନୀୟ ବିଇଓଙ୍କ ଅଫିସ ସମ୍ମାରେ ବିକ୍ଷୋଭ କରିଛନ୍ତି। ଏଥିସହ ଏକ ଦାବିପତ୍ର ବିଇଓଙ୍କ ଅନୁପସ୍ଥିତିରେ ଏବିଇଓଙ୍କୁ ପ୍ରଦାନ କରାଯାଇଛି। ଅନ୍ୟ ଏକ ଦାବିପତ୍ର ହିଞ୍ଜିଳିକାଟୁ ବିଡିଓଙ୍କୁ ମଧ ପ୍ରଦାନ କରାଯାଇଛି। ୨୦୨୦-୨୧ ଶିକ୍ଷା ବର୍ଷରେ ଉଭୟ ସ୍କୁଲ ବନ୍ଦ ଓ ନିକଟ ହାଇସ୍କୁଲରେ ମିଶ୍ରଣ ପ୍ରକ୍ରିୟା ହୋଇଛି। ଲକ ଡାଉନ ହେତୁ ଗ୍ରାମବାସୀ ସରକାରଙ୍କ ଏହି ମିଶ୍ରଣ ନୀତି ସମ୍ପର୍କରେ ଜାଣିପାରି ନଥିବା କହିଛନ୍ତି। ଉଭୟ ସ୍କୁଲରେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଥିବା ବେଳେ କମ ଉପସ୍ଥାପନ ଦର୍ଶାଇ ସ୍କୁଲ ବନ୍ଦ ଓ ମିଶ୍ରଣ କରାଯାଉଥିବା ଅଭିଯୋଗ ହୋଇଛି। ବିକ୍ଷୋଭରେ ଏଆଇଡିଏସଓ ଗଞ୍ଜାମ ଜିଲା ସମ୍ପାଦକ ନିମାଇଁ ଚରଣ ସାହୁ, ନାରାୟଣ ସାହୁ, ବିଭୂତି ଭୂଷଣ ସାହୁ, ଅନୀଲ ସାହୁ, ସୁରେନ୍ଦ୍ର ଦାସ, ଯୋଗୀନ୍ଦ୍ର ଦାସ, ଶଙ୍କର ଦାଓ, ବୁଲୁ ଦାସଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପୋଲିସର ନୀରବତା ନେଇ ଆଶାକର୍ମୀ ନିରାଶ

### ଆଶାକର୍ମୀଙ୍କୁ ଅଶ୍ଳୀଳ ଫଟୋ ପଠାଇବା ଘଟଣା

ପାତ୍ରପୁର,୧୦।୮(ଡି.ଏନ.ଏ.)

ପାତ୍ରପୁର ବ୍ଲକର ଆଶାକର୍ମୀଙ୍କୁ ଜଣେ ଯୁବକ ଫୋନ ଯୋଗେ ଗାଳିଗୁଲଜ କରିବା ସହ ଅଶ୍ଳୀଳ ଫୋଟ ପଠାଇଥିବା ଗତ ୨ତାରିଖରେ ଜରଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ୮ ଦିନ ବିତିଯାଇଥିଲେ ମଧ ପୋଲିସର ନୀରବତା ଆଶାକର୍ମୀଙ୍କୁ ନିରାଶା କରିଛି। ଅଭିଯୋଗ ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଯୋଗୁ ମଙ୍ଗଳବାର ପୁଣି ପାତ୍ରପୁର ଆଶାକର୍ମୀ ସଂଘ ତରଫରୁ ପୁନଃ ଅଭିଯୋଗ କରିଛନ୍ତି । ଆସନ୍ତା ଦୁଇଦିନ ମଧ୍ୟରେ ଅଭିଯୁକ୍ତକୁ ଗିରଫ ନ କଲେ ଗଞ୍ଜାମ ଜିଲା ଆଶାକର୍ମୀ ସଂଘ ଥାନା ଆଗରେ ଧାରଣା ଦେବ ବୋଲି ଚେତାବନୀ ଦେଇଛନ୍ତି।

## ଭେଷଜ ପ୍ରୟୋଗଶାଳା ପ୍ରାଯୁକ୍ତିକ ସଂଘର କଳାବ୍ୟାଜ୍ ପରିଧାନ

**ଦାବି ପୂରଣ ନ ହେଲେ ୧୫ରୁ ପ୍ରତୀକ ଧାରଣା**




ଭେଷଜ ପ୍ରୟୋଗଶାଳା ପ୍ରାଯୁକ୍ତିକ ସଂଘର କଳାବ୍ୟାଜ ପରିଧାନ ।

ବ୍ରହ୍ମପୁର ଅଫିସ,୧୦।୮

ରାଜ୍ୟ ଭେଷଜ ପ୍ରୟୋଗଶାଳା ପ୍ରାଯୁକ୍ତିକ ସଂଘ (ଓଡ଼ିଶା ମେଡିକାଲ ଲାବୋରେଟୋରି ଆସୋସିଏଶନ) ଡାକରାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପ୍ରାଯୁକ୍ତିକ ସଂଘ ସଦସ୍ୟମାନେ କଳାବ୍ୟାଜ ପରିଧାନ କରିଛନ୍ତି। କ୍ୟାଡର ପୁନଃନିର୍ଦ୍ଧାରଣ, ପଦବୀ ପରିବର୍ତ୍ତନ, ଖାଲି ପଡ଼ିଥିବା ପଦବୀ ପୂରଣ, ପଦୋନ୍ନତି ପୂର୍ବରୁ ବୈଷୟିକ ପ୍ରଶିକ୍ଷଣ ଭଳି ସଂଘର ୧୦ ଦଫା ଦାବି ପୂରଣ ଦିଗରେ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଆନ୍ଦୋଳନ ଡାକରା ଦିଆଯାଇଛି। ଏମ୍‌କେସିଜିରେ କାର୍ଯ୍ୟରତ ପ୍ରାଯୁକ୍ତିକ ସଂଘ ସଦସ୍ୟମାନେ କଳାବ୍ୟାଜ ପରିଧାନ କରି ରୋଗୀମାନଙ୍କୁ ସେବା ଯୋଗାଇ ଆସୁଛନ୍ତି। ସେମାନଙ୍କ ଦାବି ସରକାର ପୂରଣ ନ କଲେ ଆସନ୍ତା ୧୫ ତାରିଖଠାରୁ ସଂଘ ପକ୍ଷରୁ ପ୍ରତୀକ ଧାରଣାର ଚେତାବନୀ ଦିଆଯିବ ବୋଲି ବ୍ରହ୍ମପୁର ବଡ ଡାକ୍ତରଖାନା ପ୍ରାଯୁକ୍ତିକ ସଂଘ ସଭାପତି ପ୍ରଦୀପ କୁମାର ଶତପଥୀ କହିଛନ୍ତି। ପୂର୍ବରୁ ଗତ ୧ ତାରିଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପଦେଷ୍ଟା ତପନ କୁମାର ବେହେରା, ବୈଷ୍ଣବ ଚରଣ ସାହୁ, କୋଷାଧ୍ୟକ୍ଷ ମହେନ୍ଦ୍ର ପାତ୍ରଙ୍କ ସହ ଅନ୍ୟ ସଦସ୍ୟ ସାମିଲ ଥିଲେ। ଏହାସହିତ ପୂର୍ବରୁ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା.ସନ୍ତୋଷ କୁମାର ମିଶ୍ରଙ୍କୁ ଏନେଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ବୋଲି ସଂଘ ସଭାପତି ଶତପଥୀ କହିଛନ୍ତି।

## ବିଭିନ୍ନ ଦାବି ନେଇ ଶ୍ରମିକ-କୃଷକଙ୍କ ବିକ୍ଷୋଭ

ଆର.ଉଦୟଗିରି,୧୦।୮(ଡି.ଏନ.ଏ.)

ବିଭିନ୍ନ ଦାବି ନେଇ ଶ୍ରମିକ ଓ କୃଷକ ମଞ୍ଚ ପକ୍ଷରୁ ସୋମବାର ଆର୍‌ଉଦୟଗିରିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶ୍ରମିକ ବିରୋଧୀ ୪ ଶ୍ରମକୋଡ, କୃଷକ ବିରୋଧୀ ୩ କୃଷି ଆଇନ ଓ ବିଦ୍ୟୁତ୍ ଘରୋଇକରଣ ବିଲ ବାତିଲ କରିବା, ଆୟକର ଦେଉନଥିବା ପ୍ରତ୍ୟେକ ପରିବାରକୁ ମାସକୁ ୭ହଜାର ୫ ଶହ ଟଙ୍କା ଓ ମୁଣ୍ଡପିଛା ୧୦ କିଲୋ ଚାଉଳ ୬ ମାସ ପାଇଁ ପ୍ରଦାନ, ସରକାରୀ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବର୍ଷକୁ ୨୦୦ ଦିନର କାମ ଓ ଦୈନିକ ମଜୁରୀ ୬ ଶହ ଟଙ୍କା ପ୍ରଦାନ କରିବା ଆଦି ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ସୋମବାର ମୋହନା ତହସିଲଦାର ସାରଦା ପ୍ରସନ୍ନ ପଣ୍ଡାଙ୍କ ଜରିଆରେ ପଠାଯାଇଛି। ଓଡିଶା ଆଦିବାସୀ ଅଧିକାର ମଞ୍ଚ ରାଜ୍ୟ ସଭାପତି ଦଣ୍ଡପାଣି ରଇତ, ସିଆଇଟିୟୁର ଗୋକୁଳ ଦଳବେହେରା, ତ୍ରିନାଥ ରଇତ, ସୁରେନ୍ଦ୍ର ମଳିକ ପ୍ରମୁଖ ବିକ୍ଷୋଭ କରିଥିଲେ।

## ବିଏମ୍‌ସି ପକ୍ଷରୁ ଚାରାରୋପଣ



ବୃକ୍ଷରୋପଣରେ ଉପସ୍ଥିତ ବିଏମ୍‌ସି କମିଶନର ଓ ଅନ୍ୟମାନେ।

ବ୍ରହ୍ମପୁର ଅଫିସ୍,୧୦।୮

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ୩୭ ଓ ୩୮ ନଂ. ୱାର୍ଡରେ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଓ ଡେପୁଟି କମିଶନର ରୋମାଞ୍ଚଳ ଖମାରୀ, ଆଶୁତୋଷ ସାମଲ ଓ ମୁଖ୍ୟ ଗୋଷ୍ଠୀ ସହାୟିକା କୁନି ପାତ୍ର ଯୋଗଦେଇ ଚାରାରୋପଣ କରିଥିଲେ। ପରିବେଶ ସୁରକ୍ଷା ପାଇଁ ସହରର ବିଭିନ୍ନ ୱାର୍ଡରେ ଚାରାରୋପଣ କରାଯିବ ବୋଲି କମିଶନର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ଶାନ୍ତି ଦାସଙ୍କ ସମେତ ଏଲ୍.ସୁଦାମ ଦାସ, ପୀତବାସ ପ୍ରଧାନ, ପ୍ରଦୀପ ନାୟକ, ଅନିଲ ମଣ୍ଡଳ ଓ ରାମକୃଷ୍ଣ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ୩୯ ଓ ୪୦ ନଂ. ୱାର୍ଡରେ ମଧ ଚାରାରୋପଣ କରାଯାଇଥିଲା।

## ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଆର୍‌ଡିସିଙ୍କୁ ଦାବିପତ୍ର

**ଖଲ୍ଲିକୋଟ ମାଧମିକ ବିଦ୍ୟାଳୟ ସମସ୍ୟା ସମାଧାନ ଦାବି**




ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

ବ୍ରହ୍ମପୁର ଅଫିସ୍,୧୦।୮

ବ୍ରହ୍ମପୁର ଖଲ୍ଲିକୋଟ ମାଧମିକ ବିଦ୍ୟାଳୟରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆର୍‌ଡିସି)ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦଳ ଆବାହକ ସୁବାସ ରାଉତ ଏଥିରେ ନେତୃତ୍ୱ ନେଇଥିଲେ। ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ପିଇବା ପାଣି, ସ୍ୱତନ୍ତ୍ର ଶୌଚାଳୟ, ଶ୍ରେଣୀ ଗୃହର ଅଭାବ, କମନ୍ ରୁମ୍ ନ ଥିବାରୁ ଛାତ୍ରୀଛାତ୍ରମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଦଳ କହିଛି। ସେହିପରି ଦୀର୍ଘ ଦିନ ଧରି ଓଭରବ୍ରିଜ୍ ବନ୍ଦ ରହିବା କାରଣରୁ ଛାତ୍ରୀଛାତ୍ରମାନେ ମୁଖ୍ୟ ରାସ୍ତାରେ ଯାତାୟାତ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଶିକ୍ଷକ ଅଭାବରୁ ପାଠପଢା ଠିକ୍ ଭାବେ ହେଉ ନ ଥିବା ଦଳ ଅଭିଯୋଗ କରିଛି। ଏଣୁ ଆଗାମୀ ଦିନରେ ଉପରୋକ୍ତ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଆମ୍ ଆଦ୍‌ମୀ ପାର୍ଟି ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ସମୟରେ ସୁଧୀର ପ୍ରଧାନ, ସି.ହରପ୍ରସାଦ, ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ଅବନୀ ଗୟା, ଜନ ଜାଗରଣ ମଞ୍ଚ ସଭାପତି ମଧୁସୂଦନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜାମରେ ପଞ୍ଚାୟତ ନିର୍ବାଚନ ପାଇଁ ଶାସକ ଦଳର ପ୍ରସ୍ତୁତି

- ଗ୍ରାମାଞ୍ଚଳ ଜନମତ ସର୍ଭେ କରୁଛି ଛାତ୍ର ବିଜେଡି
- ଜିଲା ମଣ୍ଡଳସ୍ତରରେ ଭାଜପାର ଅଭିଯାନ
- ପଛରେ ପଡ଼ିଛି କଂଗ୍ରେସ

ବ୍ରହ୍ମପୁର ଅଫିସ,୧୦।୮

୨୦୨୨ ପ୍ରଥମାର୍ଦ୍ଧରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ସରକାରୀ ଘୋଷଣା ହୋଇନଥିଲେ ମଧ ଗଞ୍ଜାମ ଜିଲାରେ ଶାସକ ବିଜେଡି ଓ ବିରୋଧୀ ଭାଜପା ଏବେଠୁ ପ୍ରସ୍ତୁତ ହେଉଛି। ତେବେ ସର୍ବପୁରାତନ ଜାତୀୟ ଦଳ କଂଗ୍ରେସ ପଛରେ ପଡ଼ିଥିବା ଲକ୍ଷ୍ୟ କରାଯାଇଛି। ମାର୍ଚ୍ଚପୂର୍ବରୁ ଭାଜପାର ସାଙ୍ଗଠନିକ ପ୍ରକ୍ରିୟା ସରିଛି। ଜିଲା କମିଟି ଗଠନ ସାଙ୍ଗକୁ ନୂଆ କର୍ମକର୍ତ୍ତା ଘୋଷଣା କରାଯାଇଛି। ବହୁ ବିଳମ୍ବରେ ଅଗଷ୍ଟ ପ୍ରଥମ ସପ୍ତାହରେ ବିଜେଡି ଓ କଂଗ୍ରେସର ଗଞ୍ଜାମ ଜିଲା କମିଟି ଗଠନ ସହ ନୂଆ କର୍ମକର୍ତ୍ତାଙ୍କ ତାଲିକା ପ୍ରକାଶ ପାଇଛି। ଜିଲାର ୨୨ ବ୍ଲକ ଏବଂ ୫୦୩ ପଞ୍ଚାୟତସ୍ତରରେ ଜନମତ ସର୍ଭେ ପାଇଁ ଶାସକ ଦଳ ପକ୍ଷରୁ ଛାତ୍ର ଓ ଯୁବ ବିଜେଡି ନେତା ଓ କର୍ମୀଙ୍କୁ ନିୟୋଜିତ କରାଯାଇଛି। ଛାତ୍ର ବିଜେଡି ଜିଲା ସଭାପତି ପ୍ରଶାନ୍ତ ପଣ୍ଡା ଓ ଜିଲା ପର୍ଯ୍ୟବେକ୍ଷକ ଅରୂପ ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ଗ୍ରାମାଞ୍ଚଳ ପରିକ୍ରମା ଅଭିଯାନ ଆରମ୍ଭ ହୋଇଛି। ଜିଲା ଓ ବ୍ଲକ ଛାତ୍ର ବିଜେଡି ନେତାମାନେ ତୃଣମୂଳ ସ୍ତରରୁ ସଂଗଠନ ପରଖୁଛନ୍ତି। ନବୀନ ପଟ୍ଟନାୟକଙ୍କ ଦୀର୍ଘ ବର୍ଷର ଶାସନରେ ହୋଇଥିବା ବହୁମୁଖୀ ବିକାଶ ଯୋଜନା ସମ୍ପର୍କରେ ଗ୍ରାମାଞ୍ଚଳ ଲୋକଙ୍କୁ ସଚେତନ କରାଇବା ସହ ଆଗାମୀ କାର୍ଯ୍ୟକ୍ରମ ବଖାଣୁଛନ୍ତି। ତେଣୁ ତୃଣମୂଳସ୍ତରରେ ଦଳର ସ୍ଥିତି ଅନୁଧ୍ୟାନ ଲାଗି ଏହା କରାଯାଉଥିବା ରାଜନୈତିକ ଚର୍ଚ୍ଚା ଚାଲିଛି।

ସେହିପରି ୨୦୧୭ ପଞ୍ଚାୟତ ଏବଂ ୨୦୧୯ ସାଧାରଣ ନିର୍ବାଚନରେ ଏହି ଜିଲାରେ ଦ୍ୱିତୀୟ ସ୍ଥାନ ଦଖଲ କରିଥିବା ଭାଜପା ମଧ ପ୍ରତିଯୋଗୀ ମନୋଭାବ ନେଇ ମଣ୍ଡଳସ୍ତରରେ ସାଙ୍ଗଠନିକ ଅଭିଯାନ ଆରମ୍ଭ କରି ଦେଇଛି। ମୋଦି ସରକାରଙ୍କ ଜନକଲ୍ୟାଣ ଯୋଜନା ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ବିରୋଧ କରି ଜନମତ ସୃଷ୍ଟି କରୁଛି। ଗଞ୍ଜାମରେ ଭାଜପାର ଦୁଇ ସାଙ୍ଗଠନିକ ଜିଲା ଅଛି। ଉଭୟ ଜିଲାରେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଅପରପକ୍ଷରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଜିଲା କଂଗ୍ରେସ ସଭାପତି ହେବା ପରେ ପୁରୁଣାଙ୍କୁ ବାଦ ଦେଇ ନୂଆ ଚେହେରାଙ୍କୁ ନେଇ ଜିଲା କମିଟି ଗଠନ ଓ କର୍ମକର୍ତ୍ତା ଘୋଷଣା କରିଛନ୍ତି। ତେବେ ବିଜେଡି ଓ ଭାଜପାକୁ ଟକ୍କର ଦେବା ଭଳି ସଂଗଠନ ଏଯାବତ ଆରମ୍ଭ ହୋଇ ନ ଥିବାରୁ କଂଗ୍ରେସ ପଛରେ ପଡ଼ିଛି। ଇତିମଧ୍ୟରେ ଜିଲା କଂଗ୍ରେସ କାର୍ଯ୍ୟାଳୟ ବ୍ରହ୍ମପୁର ବାପୁଜୀ ଆଶ୍ରମ ନବକଳେବର ଯୋଗୁ ଚକାଚକ୍ ହୋଇଛି। ହେଲେ ସଭାପତିଙ୍କ ଗୃହ ପ୍ରବେଶ ହୋଇନଥିବା କର୍ମୀ ମହଲରୁ ଜଣାପଡ଼ିଛି।

## ସଂକ୍ଷେପରେ

### ଖୋଲିଲା ଇ-ଲାଇବ୍ରେରି

ଫୁଲବାଣୀ ଅଫିସ, ୧୦।୮: କରୋନା କଟକଣା ଯୋଗୁ ଫୁଲବାଣୀରେ ଦୀର୍ଘ ଦିନରୁ ବନ୍ଦ ରହିଥିବା ଇ-ଲାଇବ୍ରେରି ମଙ୍ଗଳବାର ପୁଣି ଖୋଲିଛି । ସରକାର ବିଭିନ୍ନ ସାର୍ବଜନୀନ ସ୍ଥାନ ଖୋଲିବା ପାଇଁ ଅନୁମତି ଦେବା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାଶ ପ୍ରକାଶ କରିଛନ୍ତି। ଫୁଲବାଣୀ ସହରରେ ଉନ୍ନତମାନର ପାଠାଗାର ଅଭାବ ଥିବାରୁ ଇ-ଲାଇବ୍ରେରି ଆରମ୍ଭ କରାଯାଇଥିଲା। ଅନେକ ଆଗ୍ରହୀ ପାଠକଙ୍କ ସହିତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ଏହା ଅତ୍ୟାବଶ୍ୟକ ଅନୁଷ୍ଠାନ ହୋଇଛି । ୨୦୧୯ ଫେବ୍ରୁଆରୀରେ ଖୋଲିଥିବା ଏହି ଲାଇବ୍ରେରୀରେ ପଢ଼ି ଗତ ଦୁଇ ବର୍ଷ ମଧ୍ୟରେ ଅନେକ ଆଶାୟୀ ବିଭିନ୍ନ ପରୀକ୍ଷାରେ ସଫଳତା ହାସଲ କରିଥିବା କହିଛନ୍ତି। ପ୍ରାୟ ୫ ହଜାରରୁ ଅଧିକ ବିଭିନ୍ନ ପ୍ରକାରର ପୁସ୍ତକ ଓ ଅନେକ ପତ୍ର ପତ୍ରିକା ମଧ୍ୟ ଏଠାରେ ଉପଲବ୍ଧ କରାଯାଇଛି ।

### ଫେରାର ଅଭିଯୁକ୍ତ ଗିରଫ

ଗୋପାଳପୁର,୧୦।୮(ଡି.ଏନ.ଏ.):ଏକ ଡକାୟତି ଯୋଜନା ଉଦ୍ୟମ ମାମଲାରେ ଫେରାର ଥିବା ଦୁର୍ଦ୍ଧାନ୍ତ ଅପରାଧୀକୁ ସୋମବାର ଗୋଳନ୍ଥରା ଥାନା ପୋଲିସ କୋର୍ଟ ଚାଲାଣ କରିଛି। ପୂର୍ବରୁ ତିନି ଜଣଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ଗିରଫ ଅଭିଯୁକ୍ତ ହେଲେ ବଡ଼ କୁଶସ୍ତଳି ଗ୍ରାମର ଶିବ ସେଠୀ। ଏହି ଥାନା ଅନ୍ତର୍ଗତ ଚିକିଟି-ବ୍ରହ୍ମପୁର ରାସ୍ତାରେ ଗତ ମେ ୨୫ ତାରିଖ ମଧ୍ୟରାତ୍ରିରେ ଟାମଣ ଘାଟି ବସ ସେଡ ନିକଟରେ ପାଞ୍ଚ ଜଣ ମିଶି ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ମାଲବାହି ଗାଡ଼ିକୁ ଭୟଭିତ କରି ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ଖବର ପାଇ ଗୋଳନ୍ଥରା ପୋଲିସ ସେଠାରେ ଚଡଉ କରି ତିନି ଜଣଙ୍କୁ ଧରିଥିବା ବେଳେ ଅନ୍ୟ ଦୁଇଜଣ ଫେରାର୍ ହୋଯାଇଥିଲେ। ଏ ନେଇ ନଂ .୧୪୦/୨୧ ମାମଲା ରୁଜୁ ହୋଇଥିଲା। ସୋମବାର ପୂର୍ବାହ୍ନରେ ଶିବ ହଳଦିଆପଦର ଗ୍ରାମକୁ କୌଣସି କାମରେ ଆସୁଥିବା ବେଳେ ତାଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନାଁ ବିଭିନ୍ନ ଥାନାରେ ୧୩ ଟି ମାମଲା ରହିଛି। ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

### ବିଶ୍ୱ ଆଦିବାସୀ ଦିବସ ପାଳିତ

ଜି.ଉଦୟଗିରି,୧୦।୮(ଡି.ଏନ.ଏ.): ଜି.ଉଦୟଗିରି ସ୍ଥିତ ନିଖିଳ ଉତ୍କଳ କୁଇ ସମାଜ ୟୁନିୟନ ତରଫରୁ ସୋମବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ୟୁନିୟନ କାର୍ଯ୍ୟାଳୟରୁ ପାରମ୍ପରିକ ବାଦ୍ୟ ଯନ୍ତ୍ର ସହିତ ସହର ପରିକ୍ରମାରେ ବାହାରି ଚକରା ବିଶୋଇଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ପରେ ସମାଜର ସଭାପତି ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଡିଓ ବିଜୟ କୁମାର ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ୟାଙ୍କ ମ୍ୟାନେଜର କୃଷ୍ଣ ଚନ୍ଦ୍ର ମଲ୍ଲିକ, ନଗର ଭାଜପା ସଭାପତି ଉଦେସନ ପ୍ରଧାନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଇ ସମାଜର ସାଧାରଣ ସମ୍ପାଦକ ସୁଶାନ୍ତ ପ୍ରଧାନ, ସମ୍ପାଦକ ନରୋତ୍ତମ ପ୍ରଧାନଙ୍କ ସହିତ ବରିଷ୍ଠ ନେତାମାନ ଗୋବିନ୍ଦ ପ୍ରଧାନ, ଜ୍ଞାନଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

**ଗର୍ଭାଶୟ ଅପସାରଣ ପାଇଁ ଟଙ୍କା ଦାବି ଘଟଣା**
- ସିଡିଏମ୍‌ଓଙ୍କ ନିର୍ଦ୍ଦେଶକୁ ଅବମାନନା
- ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗରେ ଅପରେଶନ ହେଲା



ନୟାଗଡ଼ ଅଫିସ,୧୦।୮: ଗର୍ଭାଶୟ ଅପସାରଣ ପାଇଁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣେ ବୃଦ୍ଧା ଅପରେଶନ ଲାଗି ଲାଞ୍ଚ ନ ଦେବାରୁ ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ଡିସ୍‌ଚାର୍ଜ କରିଦେଇଥିବା ଅଭିଯୋଗ ହୋଇଥିଲା। ସିଡିଏମ୍‌ଓଙ୍କ ନିର୍ଦ୍ଦେଶ ପରେ ସମ୍ପୃକ୍ତା ବୃଦ୍ଧା ପୁଣି ଥରେ ଆଡ୍‌ମିଶନ ସକାଶେ ଡାକ୍ତରଖାନାକୁ ଯାଇଥିଲେ। ହେଲେ ଟଙ୍କା ମାଗିଥିବା ଡାକ୍ତରଙ୍କ ସହଯୋଗୀ ଡାକ୍ତର ତାଙ୍କୁ ଆଡ୍‌ମିଶନ ନ କରାଇ ଅପମାନିତ କରି ଫେରାଇ ଦେଇଥିଲେ । ଡାକ୍ତରଖାନାରୁ ଫେରିବା ପରେ ସମ୍ପୃକ୍ତା ବୃଦ୍ଧାଙ୍କୁ ନୟାଗଡ଼ ରେଡ୍‌କ୍ରସ ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗର ହାତ ବଢ଼ାଇଛି । ଏକ ବେସରକାରୀ ଡାକ୍ତରଖାନାରେ ତାଙ୍କ ଚିକିତ୍ସା କରାଯାଇଛି। ଏ ସଂକ୍ରାନ୍ତରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ସହଯୋଗ କରିବାକୁ ରୋଗୀଙ୍କ ପାଖକୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଚିଠି ଆସିଛି ।

ଅଭିଯୋଗ ଅନୁଯାୟୀ, ଗୋଡ଼ିପଡ଼ା ଜାଗ୍ରୀ ଖଇରପଟି ଗାଁର କାଳୁ ନାୟକଙ୍କ ସ୍ତ୍ରୀ ଭାସି(୫୫)ଙ୍କ କିଛିଦିନ ତଳେ ଗର୍ଭାଶୟରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଭାସିଙ୍କ ପୁଅ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କୁ ଦେଖାଇଥିଲେ। ତାଙ୍କ ପରାମର୍ଶ ଅନୁଯାୟୀ ବିଭିନ୍ନ ପରୀକ୍ଷା କରାଯାଇଥିଲା। ଗତ ଜୁଲାଇ ୨୯ରେ ଡାକ୍ତର ଔଷଧ ଲେଖି ରୋଗୀଙ୍କୁ ଖାଇବାକୁ ପରାମର୍ଶ ଦେଇଥିଲେ। ଡାକ୍ତରଖାନା ବାହାର ଦୋକାନରୁ ଔଷଧ କିଣି ପୁଅ ମା'ଙ୍କୁ ଖାଇବାକୁ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ଜୁଲାଇ ୩୦ରେ ଅପରେଶନ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଭାସି ଆସିଥିଲେ। ହେଲେ ଚିକିତ୍ସା କରୁଥିବା ଡାକ୍ତର ନ ଥିଲେ। ଅନ୍ୟ ଜଣେ ଡାକ୍ତର ଭାସିଙ୍କୁ ଦେଖି ଅପରେଶନ ଏହି ଡାକ୍ତରଖାନାରେ ହୋଇପାରିବ ନାହିଁ, ଯେଉଁ ଡାକ୍ତର ଆପଣଙ୍କୁ ଦେଖୁଥିଲେ ସେ କେବଳ ଅପରେଶନ କରିବେ ବୋଲି କହିଥିଲେ । ଏହାପରେ ଭାସିଙ୍କ ପୁଅ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ଘରୋଇ କ୍ଲିନିକକୁ ଯାଇଥିଲେ। ହେଲେ ଡାକ୍ତର ତାଙ୍କୁ ଅପରେଶନ ପାଇଁ ୧୬ ହଜାର ଟଙ୍କା ମାଗିଥିଲେ। ଆମେ ଗରିବ ଲୋକ ଏତେ ଟଙ୍କା ଦେବାକୁ ଅସମର୍ଥ ବୋଲି କହିବାରୁ ଡାକ୍ତର ମୁହଁ ମୋଡିଥିଲେ।

ଏନେଇ ସିଡିଏମ୍‌ଓଙ୍କ ନିକଟରେ ଅଭିଯୋଗ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାଗଣା ଅପରେଶନ କରାଯିବ ବୋଲି ସେ କହିଥିଲେ। ସିଡିଏମ୍‌ଓଙ୍କ ପରାମର୍ଶ ଅନୁସାରେ ଭାସିଙ୍କୁ ଗତ ୩୦ ତାରିଖ ଅପରାହ୍ନ ୧ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଡ୍‌ମିଶନ କରାଯାଇଥିଲା। ତା' ପରଦିନ ଟଙ୍କା ମାଗିଥିବା ଡାକ୍ତରଙ୍କ ସହଯୋଗୀ ଡାକ୍ତର ଆସି ଭାସିଙ୍କୁ ଗାଳିଗୁଲଜ କରିଥିଲେ। ଏଠାରେ ଗର୍ଭାଶୟ ଅପରେଶନ ହୋଇପାରିବ ନାହିଁ କହି ଡିସ୍‌ଚାର୍ଜ କରିଦେଇଥିଲେ। ଏପରିକି ନର୍ସଙ୍କୁ ପଠାଇ ବେଡ୍‌ଶିଟ୍ ନେଇ ଚାଲିଯିବାକୁ କହିଥିଲେ। ଭାସିଙ୍କ ଆକୁଳ ନିବେଦନକୁ ସେ ଶୁଣି ନ ଥିବା ଅଭିଯୋଗ ହୋଇଛି। କୌଣସି ଉପାୟ ନ ପାଇ ଭାସି ପୁଅ ସହିତ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଫେରି ସିଡିଏମ୍‌ଓଙ୍କୁ ଏ ସଂକ୍ରାନ୍ତରେ ଜଣାଇବାରୁ ସେ ଅପରେଶନ କରିବେ କହି ପୁଣି ଆଡ୍‌ମିଶନ କରିବାକୁ କହିଥିଲେ। ହେଲେ ସମ୍ପୃକ୍ତ ଡାକ୍ତର ଭାସିଙ୍କୁ ଆଡ୍‌ମିଶନ କରାଇ ଦେଲେନାହିଁ ।

ଏନେଇ ସିଡିଏମ୍‌ଓ ଶକ୍ତି ପ୍ରସାଦ ମିଶ୍ର କୁହନ୍ତି, ମୁଁ ମାଗଣାରେ ଅପରେଶନ କରିଦେବି। ହେଲେ ମୁଁ କ'ଣ ଆଡ୍‌ମିଶନ ଓ ରୋଗୀଙ୍କ ସବୁ କଥା ବୁଝିପାରିବି। ରୋଗୀଙ୍କ ସମ୍ପର୍କୀୟ ଆଡ୍‌ମିଶନ କରାଇ ମୋ' ପାଖକୁ ନ ଆସିଲେ ମୁଁ କିଛି କରିପାରିବି ନାହିଁ। ରେଡ୍‌କ୍ରସ ସ୍ୱେଚ୍ଛାସେବୀ ସଙ୍ଗଠନ ଭଲ୍ୟୁଣ୍ଟାରୀ ଫୋରମ ବିଭୂତି ପଟ୍ଟନାୟକ କୁହନ୍ତି, ଭାସି ଜଣେ ଗରିବ ମହିଳା । ସେ ଗର୍ଭାଶୟ ଅପସାରଣ ପାଇଁ ବାରମ୍ବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଅପମାନିତ ହୋଇ ଫେରିଲେ । ମୁଁ ସିଡିଏମ୍‌ଓଙ୍କୁ ଏକଥା ବାରମ୍ବାର କହିଲି । ହେଲେ ଫଳ ଶୂନ । ଗରିବ ଲୋକଙ୍କୁ ମାଗଣା ଚିକିତ୍ସା ଜିଲା ମୁଖ୍ୟ ଚିକିତ୍ସାଳୟରେ ମନା । ତେଣୁ ଆମେ କେତେଜଣ ସ୍ୱେଚ୍ଛାସେବୀ ଚାନ୍ଦା କରି ଭାସିଙ୍କୁ ବେସରକାରୀ ହସ୍ପିଟାଲରେ ଅପରେଶନ କରାଇଛୁ । ଏ ସଂକ୍ରାନ୍ତରେ ଭାସି ନାୟକ କୁହନ୍ତି, ଗତ ରବିବାର ମୁଁ ଅପରେଶନ ହୋଇଛି। ଏବେ ଚିଠି ଆସିଛି ତଦନ୍ତରେ ସାକ୍ଷ୍ୟ ଦେବାକୁ। ହେଲେ ମୁଁ ଯିବା ସମ୍ଭବ ନୁହେଁ। ଡାକ୍ତରମାନେ ମୋ ପରି ଗରିବ ଲୋକଙ୍କ ଜୀବନ ସହ ଖେଳ ଖେଳିବା ଠିକ୍ ନୁହେଁ ।

### ଲୋଭୋଲ୍ଟେଜ, ବିଦ୍ୟୁତ୍ କାଟ୍‌କୁ ନେଇ ଚିନ୍ତା

ଖଣ୍ଡପଡ଼ା,୧୦।୮(ସ୍ୱ.ପ୍ର.) ଗତ କିଛି ମାସ ହେବ କ୍ରମାଗତ ଭାବେ ଖଣ୍ଡପଡ଼ା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ଓ ଲୋଭୋଲ୍‌ଟେଜ ସମସ୍ୟା ଲାଗି ରହିଛି । ଏଥିପାଇଁ ଉପଭୋକ୍ତାଙ୍କ ସମେତ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବିଶେଷ କରି ଖଣ୍ଡପଡ଼ା ବିଦ୍ୟୁତ୍ ଉପଖଣ୍ଡ ସମସ୍ତ ଅଞ୍ଚଳରେ ସନ୍ଧ୍ୟା ସମୟରେ ଫ୍ୟାନ୍, ଲାଇଟ, ଟିଭି, କମ୍ପ୍ୟୁଟର ଆଦି ସ୍ୱାଭାବିକ ଭାବେ କାମ କରୁନାହିଁ। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ଅନ୍ୟଥା ଉପଭୋକ୍ତାମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସୂଚନା ମିଳିଛି । ନୟାଗଡ଼ ନିକଟସ୍ଥ ରାଜପାଟଣା ଗ୍ରୀଡରୁ ଖଣ୍ଡପଡା ଅଞ୍ଚଳବାସୀଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉଛି । ପୁରୁଣା ବିଦ୍ୟୁତ୍ ତାରରେ କାମ ଚାଲିଥିବାରୁ ଅଧିକାଂଶ ସମୟରେ ଛୋଟ ବଡ଼ ବିଭ୍ରାଟ ଦେଖାଦେଉଛି । ପୁନଶ୍ଚ ୩୩ କେଭି ବିଦ୍ୟୁତ୍ ଷ୍ଟେଶନଟି ଖଣ୍ଡପଡ଼ାରେ କାମ କରୁଛି । ଉକ୍ତ ଷ୍ଟେଶନରେ ଅଧିକାଂଶ ସମୟରେ ତ୍ରୁଟି ପରିଲକ୍ଷିତ ହେବା ଯୋଗୁ ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ ହେଉଛନ୍ତି । ଏଭଳି ସମସ୍ୟା ସମ୍ପର୍କରେ ଟିପିସିଓଡିଏଲ କର୍ତ୍ତୃପକ୍ଷ ଅବଗତ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଖଣ୍ଡପଡ଼ାରେ ଏକ ବିଦ୍ୟୁତ୍ ଗ୍ରୀଡ ପ୍ରତିଷ୍ଠା ନିମନ୍ତେ ଅଞ୍ଚଳବାସୀ ଦାବି କରି ଆସୁଥିଲେ ହେଁ ତାହା ସମ୍ଭବ ହୋଇପାରିନାହିଁ।

## ରାସ୍ତା ଜଳରେ ପହଁରୁଛନ୍ତି ହଂସ


ପାଣିରେ ପହଁରୁଥିବା ହଂସ ।

- ବହୁଦିନ ଧରି ଜମି ରହୁଛି ବର୍ଷା ପାଣି
- ନିଷ୍କାସନ ପାଇଁ ରାସ୍ତା ନାହିଁ

ଖଣ୍ଡପଡ଼ା,୧୦।୮(ସ୍ୱ.ପ୍ର.) ବାଘମାରୀ-ବଲାଙ୍ଗୀର ୪୮ନଂ. ରାଜପଥ କଣ୍ଟିଲୋ-ବାଣପୁର ମୁଖ୍ୟରାସ୍ତା( କଂସାରୀ ସମାଜ କଲ୍ୟାଣ ସଦନ ଓ ଗାନ୍ଧୀପାର୍କ ନିକଟ) ଉପରେ ବର୍ଷାଜଳ ଜମି ରହୁଥିବାରୁ ତାହା ପୋଖରୀର ଭ୍ରମ ସୃଷ୍ଟି କରୁଛି । ପ୍ରାୟ ଏକ ଫୁଟ ଉଚ୍ଚର ବର୍ଷା ପାଣି ଜମି ରହିଛି । ପରିସ୍ଥିତି ଏମିତି ହେଇଛି ଯେ, ସେହି ପାଣିରେ ରାଜହଂସ ପହଁରୁ ଥିବା ଦେଖିବାକୁ ମିଳିଛି । ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ସମସ୍ୟାର ସମାଧାନ ପାଇଁ ମହାନଦୀ ମାଳବନ୍ଧରେ ଏକ ନୂତନ ସ୍ଲୁଇସ୍ ଗେଟ୍ ନିର୍ମାଣ କିମ୍ବା ରାସ୍ତାକୁ ଅଧିକ ଉଚ୍ଚ କରିବାର ଆବଶ୍ୟକ ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ବିଭାଗୀୟ କର୍ତ୍ତୃପକ୍ଷ ଏଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ୪୮ ନଂ. ରାଜପଥ, କଣ୍ଟିଲୋ-ବାଣପୁର ରାସ୍ତାର ଗାନ୍ଧୀପାର୍କ ନିକଟରୁ ମହାନଦୀ ମାଳବନ୍ଧ ସହ ସଂଯୋଗ ହୋଇଛି । କଣ୍ଟିଲୋ ବଜାରଠାରୁ ଗାନ୍ଧୀପାର୍କ ପର୍ଯ୍ୟନ୍ତ ମାଳବନ୍ଧ ପାର୍ଶ୍ୱ ରାସ୍ତା ନିମ୍ନ ପତ୍ତନରେ ରହିଛି । ମାଳବନ୍ଧଟି ରାସ୍ତା ପତ୍ତନଠାରୁ ପ୍ରାୟ ୧୦ରୁ୧୨ ଫୁଟ ଉଚ୍ଚରେ ରହିଛି । ଅପରପକ୍ଷେ ନିକଟସ୍ଥ ବାପୁଜୀ ନଗର ଗ୍ରାମର ନର୍ଦ୍ଦମା ପାଣି, ବର୍ଷା ଜଳ ଓ ନିକଟସ୍ଥ ପାହାଡରୁ ବହି ଆସୁଥିବା ପାଣିର ନିଷ୍କାସନ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ନର୍ଦ୍ଦମା ନିର୍ମାଣ କରାଯାଇଛି । ମାତ୍ର ସେହି ଡ୍ରେନଠାରୁ ନିମ୍ନ ପତ୍ତନରେ ଥିବା ମୁଖ୍ୟ ରାଜପଥରୁ ପାଣି ନିଷ୍କାସନ ହେବା ସମ୍ଭବ ହେଉନାହିଁ ଗତ ୨ଦିନ ଧରି ବର୍ଷାରେ ସେହି ରାସ୍ତା ଉପରେ ପାଣି ଜମି ରହି ଯାତାୟତରେ ସମସ୍ୟା ସୃଷ୍ଟି କରିଛି । ସେହି ପାଣିରେ ହଂସ ଖେଳୁଥିବା ଦେଖି ସାଧାରଣରେ କୌତୁହଳ ସୃଷ୍ଟି ହେଉଛି । ପୂର୍ତ୍ତ ବିଭାଗ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବାରମ୍ବାର ଦାବି ହୋଇ ଆସୁଛି। ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ସୂଚନା ଦେଇଛନ୍ତି ।

### ୨୦ ଲିଟର ଦେଶୀ ମଦ ଜବତ

ନୟାଗଡ଼ ଅଫିସ,୧୦।୮: ଦେଶୀ ମଦ ବିକ୍ରି ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ ମାଙ୍କପଲ୍ଲୀ ଗାଁର ଜିତେନ୍ଦ୍ର ସାହୁ(୨୨)ଙ୍କୁ ଗିରଫ କରିଛି । ଜିତେନ୍ଦ୍ରଙ୍କଠାରୁ ୨୦ ଲିଟର ଦେଶୀ ମଦ ଜବତ ହୋଇଛି । ଏନେଇ ପୋଲିସ ଏକ ମାମଲା(ନଂ.୧୬୭/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ବୁଧବାର ଜିତେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି ।

### ୨୮ କରୋନା ଆକ୍ରାନ୍ତ ଚିହ୍ନଟ

ନୟାଗଡ଼ ଅଫିସ,୧୦।୮: ନୟାଗଡ଼ ଜିଲାରୁ ପୁଣି ୨୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏ ପରିପ୍ରେକ୍ଷୀରେ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫ ହଜାର ୮୬୯ ରେ ପହଞ୍ଚିଛି । ମଙ୍ଗଳବାର ରିପୋର୍ଟରେ ଭାପୁର ବ୍ଲକରେ ୩, ଖଣ୍ଡପଡ଼ା ବ୍ଲକରେ ୨, ନୟାଗଡ଼ ବ୍ଲକରେ ୫, ନୂଆଗାଁ ବ୍ଲକରେ ୩, ଓଡ଼ଗାଁ ବ୍ଲକରେ ୪, ରଣପୁର ବ୍ଲକ ୩ ଓ ନୟାଗଡ଼ ପୌରାଞ୍ଚଳରୁ ୮ଜଣ ଚିହ୍ନଟ ହୋଇଛନ୍ତି । ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ୨ୟ ଲହର ନୟାଗଡ଼ ଜିଲାରୁ ୧୫୫ଜୀବନ ନେଇଛି।

### ଗୁମ୍ଫାରେ ବୃକ୍ଷରୋପଣ

ନୟାଗଡ଼ ଅଫିସ,୧୦।୮ ରାଜସୁନାଖଳା ମହୋତ୍ସବ କମିଟି ଏବଂ ରଣପୁରର ସାମାଜିକ ସଙ୍ଗଠନ ଏନୱାଇ କେଏସର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ବୃକ୍ଷ ରୋପଣ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜସୁନାଖଳା ପଞ୍ଚାୟତ କୋଟଗଡସ୍ଥ ଅନନ୍ତ ଗୁମ୍ଫା କୁ ସଫେଇ କରାଯାଇ ୩୦ ଔଷଧୀୟ ବୃକ୍ଷ ରୋପଣ କରାଯାଇଛି । ମହୋତ୍ସବ କମିଟି ର ଅଧ୍ୟକ୍ଷ ଆର୍ତ୍ତତ୍ରାଣ ପ୍ରଧାନ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁଉଦଘାଟନ କରିଥିଲେ।

## କୃମିନାଶକ ଔଷଧ ବଣ୍ଟନର ଶୁଭାରମ୍ଭ


ଅଙ୍ଗନୱାଡି କର୍ମୀମାନେ ଜଣେ ଶିଶୁକୁ କୃମିନାଶକ ଔଷଧ ଖୁଆଉଛନ୍ତି ।

- ଘରକୁ ଘର ବୁଲି ଖୁଆଇବା ପାଇଁ ରହିଛି ନିର୍ଦ୍ଦେଶ
- ୧୨ ନଂ. ୱାର୍ଡରେ ସ୍କୁଲକୁ ଡକାଇ ଖୁଆଇଲେ ଔଷଧ

ନୟାଗଡ଼ ଅଫିସ,୧୦।୮: ଜାତୀୟ କୃମି ନାଶକ କାର୍ଯ୍ୟକ୍ରମ ନୟାଗଡ଼ ଜିଲାରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ଏହା ୨୩ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଆଶା, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ଯାଇ ୧ରୁ ୧୯ ବର୍ଷର ପର୍ଯ୍ୟନ୍ତ ପିଲାମାନଙ୍କୁ କୃମି ନାଶକ ଔଷଧ ଖୁଆଇବେ । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ନୟାଗଡ଼ ଜିଲାର ବିଭିନ୍ନ ଗାଁ ଓ ସହରର ବିଭିନ୍ନ ୱାର୍ଡରେ ଚାଲିଛି। ତେବେ ନୟାଗଡ଼ ସହରର ୧୨ ନଂ. ୱାର୍ଡରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । କାର୍ଯ୍ୟକ୍ରମ ଆରମ୍ଭରୁ ଆଶା, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ବୁଲି ନାହାନ୍ତି । ସ୍କୁଲକୁ ପିଲାଙ୍କୁ ଡକାଇ ଔଷଧ ଖୁଆଇଛନ୍ତି। କେତେଜଣ ଅଭିଭାବକଙ୍କ କହିବା ଅନୁସାରେ ଜିଲାର ସବୁ ଅଞ୍ଚଳରେ ଆଶା, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ବୁଲି ଔଷଧ ଖୁଆଉଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ମାତ୍ର ୧୦୦ ମିଟର ବ୍ୟବଧାନରେ ଥିବା ୧୨ ନଂ. ୱାର୍ଡ ରାଜବଗିଚାରେ କାହିଁକି ସେ ନିୟମ କାର୍ଯ୍ୟକାରୀ ହେବ ନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ସରକାରଙ୍କର ଏ ମହତ କାର୍ଯ୍ୟକ୍ରମକୁ ବାଟବଣା କରୁଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି । ବଡପଣ୍ଡୁସର ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଆଶୁତୋଷ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହାପରେ ଆଶା, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ଯାଇ ପିଲାମାନଙ୍କୁ କୃମି ନାଶକ ଔଷଧ ଖୁଆଇଛନ୍ତି ।

## ଷ୍ଟାଡିୟମ ନିର୍ମାଣ ପାଇଁ ୬କୋଟି

ଦଶପଲ୍ଲା,୧୦।୮(ଡି.ଏନ.ଏ.) ଦେଶର ଭବିଷ୍ୟତ ପାଇଁ ଯେପରି ଯୁବକମାନଙ୍କ ଆବଶ୍ୟକତା ରହିଛି , ଯୁବକମାନଙ୍କୁ ସୁସ୍ଥ ରଖିବା ପାଇଁ ସେଭଳି କ୍ରୀଡାର ଆବଶ୍ୟକତା ରହିଛି । ଏକଥା ହୃଦୟଙ୍ଗମ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼ ଜିଲାରେ ୫ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦେଇଛନ୍ତି ବୋଲି ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରା କହିଛନ୍ତି । ମଙ୍ଗଳବାର ଦଶପଲ୍ଲା ମହାବୀରଙ୍କ ମନ୍ଦିର ନିକଟରୁ ଦଳୀୟ କର୍ମୀ ଓ ନେତାମାନଙ୍କ ସହ ବିଜୁ ଛାତ୍ର ଜନତା ଦଳ ସଭ୍ୟମାନେ ଏକ ଶୋଭାଯାତ୍ରାରେ ଆସି ଡାକ୍ତରଖାନା ଛକ ନିକଟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲେ । ସେଠାରେ ଏକ ପଥପ୍ରାନ୍ତ ସଭାରେ ଦଳର ପଦ ପଦବୀରେ ଥିବା ସଭ୍ୟମାନେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ବିଧାୟକ ବେହେରା ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଏହି ଷ୍ଟାଡିୟମ ପାଇଁ ପ୍ରଥମ ପର୍ଯ୍ୟାୟରେ ୬କୋଟି ବ୍ୟୟବରାଦ କରାଯାଇ ଥିବା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷା ବବିତା ସାହୁ, ବିଜେଡି ନେତା ଉପେନ୍ଦ୍ର କୁମାର ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ଦାସଗୁପ୍ତା, ପ୍ରଦୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଭାପୁର ବ୍ଲକ୍ ଅଧ୍ୟକ୍ଷା-ଉପାଧ୍ୟକ୍ଷ ବିବାଦ ପ୍ରସଙ୍ଗ

# କୋର୍ଟଙ୍କ ନିର୍ଦ୍ଦେଶ ପରେ ରୁଜୁ ହେଲା ମାମଲା

**ଅଡୁଆରେ ୧୬ ସରପଞ୍ଚ, ସମିତି ସଭ୍ୟ**

ନୟାଗଡ଼ ଅଫିସ,୧୦।୮: ଭାପୁର ବ୍ଲକର ୧୬ ସରପଞ୍ଚ ଓ ସମିତି ସଭ୍ୟଙ୍କ ବିରୋଧରେ ମକଦ୍ଦମା ରୁଜୁ କରିବାକୁ ନୟାଗଡ଼ ଜିଲା ଜଜ ତଥା ସ୍ୱତନ୍ତ୍ର ଜଜ ରୂପଶ୍ରୀ ଚୌଧୁରୀ ଗତ ୪ ତାରିଖରେ ନିର୍ଦ୍ଦେଶ ଦେଇଥିଲେ । କୋର୍ଟ ନିର୍ଦ୍ଦେଶ ପାଇବା ପରେ ଫତେଗଡ ଥାନା ପୋଲିସ ୧୬ଜଣ ସରପଞ୍ଚ ଓ ସମିତି ସଭ୍ୟ କୈଳାଶ ଚନ୍ଦ୍ର କାଠୁଆ, ପ୍ରତିମା ମହାପାତ୍ର, ନିବେଦିତା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ସାହୁ, ମଧୁସ୍ମିତା ମହାନ୍ତି, ମମତା ସ୍ୱାଇଁ, ଝୁମୁକି ଗୋଛି, ନମିତା ପରିଡା, ସୁବାସ ଚନ୍ଦ୍ର ବାରିକ, ଉଷାରାଣୀ ସାହୁ, ବସନ୍ତ କୁମାର ପ୍ରଧାନ, ବନମାଳି ନାୟକ, କୃଷ୍ଣଚନ୍ଦ୍ର ସାହୁ, ଭୀମସେନ ସାମଲ, ତୋଫାନ କୁମାର ପ୍ରଧାନ, ତାରେଶ୍ୱର ମାଝିଙ୍କ ବିରୋଧରେ ୨୯୪, ୩୫୩, ୫୦୬, ୩୪ ଆଇପିସି, ଏସସି/ଏସଟି ଆଟ୍ରୋସିଟ୍ ଆକ୍ଟ ୧୯୮୯ର ୩(୧)(ଆଇଭି), ୩(୧) (ଭିଆଇଆଇଆଇ), ୩(୧) (ଆଇଏକସ), ୩(୧)(ଏକ୍ସ) ରେ ଏକ ମାମଲା(ନଂ.୧୪୪/୨୧) ମଙ୍ଗଳବାର ରୁଜୁ କରିଛି । ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ବେହେରାଙ୍କ ଏତଲାକୁ ଫତେଗଡ ଥାନା ଆଇଆଇସି ପଞ୍ଜିକୃତ କରି ନ ଥିଲେ । ଏହାପରେ ଅଧ୍ୟକ୍ଷା କୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ । ପରେ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷେ କୋର୍ଟ ନିର୍ଦ୍ଦେଶ କାର୍ଯ୍ୟକାରୀ ନେଇ ଅଗଷ୍ଟ ୧୨ ତାରିଖରେ ୧୭୩(୩) କାର୍ଯ୍ୟବିଧି ସଂହିତା ଦଫାରେ ରିପୋର୍ଟ ଦେବାକୁ ଫତେଗଡ ଥାନା ଆଇଆଇସିକୁ ନିର୍ଦ୍ଦେଶ ରହିଛି ।

ସୂଚନା ଅନୁସାରେ ଅନାସ୍ଥାପ୍ରସ୍ତାବରେ ଭାପୁର ବ୍ଲକ ଅଧ୍ୟକ୍ଷାଙ୍କ ନାଁରେ ମିଥ୍ୟା ଆରୋପ ଲଗାଯାଇଥିବା ଅଭିଯୋଗ ଫତେଗଡ ଥାନାରେ ହୋଇଥିଲା । ଅକ୍ରୋଶମୂଳକ ଭାବେ ଅଭିଯୋଗ କରିଥିବା ୧୬ଜଣ ସରପଞ୍ଚ ଓ ସମିତି ସଭ୍ୟଙ୍କ ବିରୋଧରେ ବ୍ଲକ ଅଧ୍ୟକ୍ଷା ବେହେରା ଫତେଗଡ ଥାନାରେ ଗତ ଅଗଷ୍ଟ ୨୧ ତାରିଖରେ ଅଭିଯୋଗ କରିଥିଲେ । ଅଧ୍ୟକ୍ଷା ପୁଣି ଦର୍ଶାଇଥିଲେ ଜନଜାତି ନିର୍ଯାତନା ନିବାରଣ ଆଇନ ୧୯୮୯ର ଧାରା ୩(୧), (ଥ), (ପ) ଅନୁଯାୟୀ ୧୬ ସରପଞ୍ଚ ଓ ସମିତି ସଭ୍ୟଙ୍କ ବିରୋଧରେ ମାମଲା ରୁଜୁ କରାଯାଉ । ହେଲେ ପୋଲିସ ତଦନ୍ତ ଆଳରେ ମାମଲା ରୁଜୁ ନ କରି ଅଭିଯୋଗ ଥିବା ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଅନୁକମ୍ପା ଦେଖାଇଥିଲା । ଏନେଇ ବ୍ଲକ ଅଧ୍ୟକ୍ଷା ବେହେରା ନୟାଗଡ଼ ଜିଲା ଜଜ ତଥା ସ୍ୱତନ୍ତ୍ର ଜଜଙ୍କ କୋର୍ଟରେ ଅଭିଯୋଗ କରିବା ପରେ ୮/୨୧ରେ କମ୍ପ୍ଲେନ କେଶ ହୋଇଥିଲା ।

# ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ନାହିଁ


ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଡାକ୍ତରଙ୍କ କ୍ୱାର୍ଟର୍ସ ।




**ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**
- ଦୟନୀୟ ଅବସ୍ଥାରେ ଡାକ୍ତରଙ୍କ କ୍ୱାର୍ଟର୍ସ ।
- ଭଡ଼ାଘର ମିଳୁ ନ ଥିବାରୁ ଚିନ୍ତା

ନୂଆଗାଁ,୧୦।୬(ଡି.ଏନ୍.ଏ.) ଗାଁଠାରୁ ସହରଯାଏ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ସେଥିପାଇଁ ଆବଶ୍ୟକ କର୍ମଚାରୀ ମଧ୍ୟ ନିୟୋଜିତ କରାଯାଉଛି। ତେବେ ସେହି କର୍ମଚାରୀମାନଙ୍କ ରହିବା ପାଇଁ କ୍ୱାର୍ଟର୍ସ ନାହିଁ। କର୍ମଚାରୀ ଭଡ଼ା ଘର ଖୋଜୁଥିଲେ ମଧ୍ୟ ମିଳୁ ନ ଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲା ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ରହିଛି ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର । ନୂଆଗାଁ ବ୍ଲକର ପ୍ରାୟ ୧୧ ପଞ୍ଚାୟତର ଲୋକମାନଙ୍କ ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେ ରଖି ୧୯୮୦ରେ ଏହି ୧୦ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ଉକ୍ତ ଡାକ୍ତରଖାନାଟି ୫୭ନଂ.ଜାତୀୟ ରାଜପଥ ପାର୍ଶ୍ୱରେ ରହିଥିବାରୁ ଅନେକ ପଥଚାରୀ ଉକ୍ତ ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ହେଲେ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନାନା ସମସ୍ୟା ମଧ୍ୟରେ ଚାଲିଛି । ଡାକ୍ତର ନାହାନ୍ତି । ଦିନରେ ଫାର୍ମାସିଷ୍ଟ ଡାକ୍ତରଖାନାକୁ ଚଳାନ୍ତି। ଅପରାହ୍ନ ୫ଟା ପରେ ଡାକ୍ତରଖାନା ଏକ ପ୍ରକାର ବନ୍ଦ ହୋଇଯାଏ । ଫଳରେ ରୋଗୀମାନଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ପଡ଼ିଥାଏ । କର୍ମଚାରୀଙ୍କ କ୍ୱାର୍ଟର୍ସ ନ ଥିବାରୁ ବଡ ସମସ୍ୟା ସୃଷ୍ଟି ହୋଇଛି । ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଦୁଇଜଣ ମହିଳା ସୁଇପର, ଜଣେ ପୁରୁଷ ସୁଇପର, ଜଣେ ପୁରୁଷ ଆଟେଣ୍ଡାଣ୍ଟ, ଜଣେ ଲାବୋରେଟୋରୀ ଟେକନିସିଆନ ନିଯୁକ୍ତି ପାଇଥିବା ବେଳେ ଚଳିତ ମାସରେ ୨ ଷ୍ଟାପ୍ ନର୍ସଙ୍କୁ ନିଯୁକ୍ତି ଦିଆଯାଇଛି । କିନ୍ତୁ ଉପରୋକ୍ତ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ନାହିଁ । ଫାର୍ମାସିଷ୍ଟ ଏକ ଭଙ୍ଗା ଦଦରା ଘରେ ରହୁଥିବା ବେଳେ ଅନ୍ୟମାନେ ନିଜ ଗାଁରୁ ଯିବା ଆସିବା କରୁଛନ୍ତି । ଭଡ଼ା ଘର ମିଳୁ ନ ଥିବାରୁ କର୍ମଚାରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଦେବୀ ପ୍ରସାଦଙ୍କୁ ପଚାରିବାରେ କ୍ୱାର୍ଟର୍ସ ନିର୍ମାଣ ଆମ ଅଧୀନରେ ନାହିଁ । କ୍ୱାର୍ଟର୍ସ ଦରକାର ବୋଲି ମୁଁ ଅନେକ ଥର ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି । କିଭଳି କ୍ୱାର୍ଟର୍ସ ନିର୍ମାଣ କରାଯିବ ସେ ନେଇ ଚେଷ୍ଟା ଜାରି ରହିଛି ।